## ଦୋକାନରେ ପଶିଲା ହାଇୱା, ଚାଳକ ଆହତ

**ଝାରସୁଗୁଡ଼ା ଅଫିସ:** ବଡମାଲ ଥାନା ରାଜ୍ୟ ରାଜପଥ ସାପଡ଼ା ନିକଟରେ ବୁଧବାର ସନ୍ଧ୍ୟାରେ ଏକ ପାଉଁଶ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଦୋକାନ ଭିତରେ ପଶିଯାଇଛି। ଏଥିରେ ଦୋକାନ ଭାଙ୍ଗିରୁଜି ଯାଇଛି। ହାଇୱା ଚାଳକ କ୍ୟାବିନ୍ ଭିତରେ ଚାପି ହୋଇଯାଇଥିଲେ। ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି କଟର ସାହାଯ୍ୟରେ କ୍ୟାବିନ୍ କାଟି ଚାଳକଙ୍କୁ ବାହାର କରିଥିଲେ। ଚାଳକ ମଙ୍ଗଳ ଭଦ୍ରାଙ୍କ ୨ ଗୋଡ଼ରେ ଆଘାତ ଲାଗିଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାଗ୍ରସ୍ତ ହାଇୱାକୁ ପୋଲିସ ଜବତ କରି ତଦନ୍ତ ଚଳାଇଛି।

# ଦବିଲା କାଣ୍ଡେଲ-ସିରୋଲ ବ୍ରିଜ୍

- ବାଲି ବୋଝେଇ ହାଇୱା ଯିବା ବେଳେ ଅଘଟଣ
- ଯୋଗାଯୋଗ ବିଚ୍ଛିନ୍ନ, ଦୁର୍ଘଟଣାରୁ ବର୍ତ୍ତିଲା
- ନିମ୍ନମାନର କାର୍ଯ୍ୟକୁ ଦାୟୀ କଲେ ଲୋକେ
- ସ୍କୁଲ ଯିବାକୁ ଛାତ୍ରୀଛାତ୍ର ଭୟଭୀତ

**କେସିଙ୍ଗା,୯।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ-ସିରୋଲକୁ ସଂଯୋଗ ଏକମାତ୍ର ବ୍ରିଜ୍ ବୁଧବାର ସକାଳ ୯ଟାରେ ଏକ ବାଲି ବୋଝେଇ ହାଇୱା ଯାଉଥିବା ବେଳେ ହଠାତ୍ ଦବି ଯାଇଛି। ଫଳରେ କାଣ୍ଡେଲ-ସିରୋଲ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କୌଣସି ଧନଜୀବନ କ୍ଷୟକ୍ଷତି ଘଟି ନ ଥିଲେ ମଧ୍ୟ ଗାଡି ଅଳ୍ପକେ ଏକ ବଡ଼ଧରଣ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। କାଣ୍ଡେଲ, ବାଲସି, ସାରିଆ, ରୁପ୍ରାରୋଡ଼, ଶିରୋଲ ଆଦି ଗ୍ରାମପଞ୍ଚାୟତ ପ୍ରାୟ ୩୦ ହାଜର ଲୋକେ ଗମନାଗମନରେ ଅସୁବିଧା ସମ୍ମୁଖୀନ ହୋଇଛନ୍ତି। ସୂଚନା ଯେ, ଶିକ୍ଷା, ସ୍ୱାସ୍ଥ୍ୟ, ବଜାରଠୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟ ପାଇଁ କାଣ୍ଡେଲ ଏକ ମୁଖ୍ୟ ପେଣ୍ଠସ୍ଥଳୀ ପାଲଟିଥିବା ବେଳେ ବ୍ରିଜ୍ ଧସିଯିବା ଯୋଗୁ ଅଞ୍ଚଳବାସୀଙ୍କ ପାଇଁ ମୁଖ୍ୟ ସମସ୍ୟା ହୋଇଛି। କେସିଙ୍ଗା ସହର ଯିବା ପାଇଁ ମଧ୍ୟ ଏହି ରାସ୍ତା ଏକ ମୁଖ୍ୟ ମାଧ୍ୟମ ଥିଲା। ସିରୋଲ, ପୋଡଖମ୍ଭ ଗାଁର ଛାତ୍ରୀଛାତ୍ରମାନେ କାଣ୍ଡେଲ ହାଇସ୍କୁଲକୁ ପାଠପଢିବାକୁ ଆସୁଥିବା ବେଳେ ବ୍ରିଜ ଦବିଯିବାରୁ ଛାତ୍ରୀଛାତ୍ରମାନେ ଭୟଭୀତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଛାତ୍ରୀଛାତ୍ରଙ୍କୁ ରାସ୍ତାପାର କରି ବିଦ୍ୟାଳୟକୁ ପଠାଯାଇଛି। କାଣ୍ଡେଲ ଗ୍ରାମପଞ୍ଚାୟତରେ ଉପସ୍ୱାସ୍ଥ୍ୟକେନ୍ଦ୍ର ଥିବାରୁ ଏହି ଅଞ୍ଚଳ ଲୋକମାନେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇଛନ୍ତି। ଏହି ସେତୁ ନିର୍ମାଣରେ ତ୍ରୁଟି ଯୋଗୁ ଅନେକ ଥର ବନ୍ୟାରେ ବିପଦସଙ୍କୁଳ ଅବସ୍ଥାରେ ଥିବାବେଳେ ଏବେ ଆକସ୍ମିକ ଭାବେ ଦବିଯିବାରୁ ନିମ୍ନମାନର କାମ ଯୋଗୁ ଏଭଳି ଘଟିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବ୍ରିଜ ପ୍ରାୟ ୧୫ ବର୍ଷ ତଳେ ନିର୍ମାଣ ହୋଇଥିବା ବେଳେ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ମଧ୍ୟ ଘଟିଥିଲା। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲେ ମଧ୍ୟ ଅଣଓସାରିଆ ଏହି ସେତୁ ନିମ୍ନମାନର କାର୍ଯ୍ୟ ଯୋଗୁ ଧସିପଡ଼ିଛି। ବୁଧବାର ଏଠାରେ ସାପ୍ତାହିକ ହାଟ ଥିବାରୁ ବହୁ ଚାରିଚକିଆ ଗାଡି ବଜାର ଆସି ଦୀର୍ଘ ସମୟ ଧରି ଫସିରହିଥିଲା। ପରେ ଅନ୍ୟ ଏକ ବୁଲାଣି ରାସ୍ତା ପାଖାପାଖି ୧୦ କି.ମି. ବୁଲି ଯାଇଥିବା ଦେଖାଦେଇଛି। ତୁରନ୍ତ ଆରଡି ବିଭାଗ ସେତୁ ନିର୍ମାଣ କରିବା ସହିତ ବର୍ତ୍ତମାନ ପିଲାଙ୍କ ପରୀକ୍ଷା ହେବ, ତେଣୁ ଯଥାଶୀଘ୍ର ପ୍ରାଥମିକ ପଦକ୍ଷେପ ଗ୍ରହଣ କରି ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ କେସିଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଜିତ ସିଂଙ୍କୁ ଯୋଗାଯୋଗ କରିବାରୁ ସ୍ଥାନୀୟ ସରପଞ୍ଚଙ୍କ ସହିତ ଏ ନେଇ ଆଲୋଚନା କରାଯାଇଛି, ପ୍ରାଥମିକ ପଦକ୍ଷେପ ଗ୍ରହଣ କରାଯାଇଛି। ପରବର୍ତ୍ତୀ ସମୟରେ ସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି କହିଛନ୍ତି।



କାଣ୍ଡେଲ-ସିରୋଲ ବ୍ରିଜ୍ ଦବିଛି।

## ସଂକ୍ଷେପରେ

### କାଠଗଣ୍ଡି ବୋଝେଇ ଟ୍ରକ୍ ଜବତ ଘଟଣା:୨ କୋର୍ଟ ଚାଲାଣ

**ଦେବଗଡ଼,୯।୩(ଡି.ଏନ.ଏ.):** କାଠଗଣ୍ଡି ଚୋରା ଚାଲାଣ ବେଳେ ସୋମବାର ରାତିରେ ବନ ବିଭାଗ ଗିରଫ କରିଥିବା ଟ୍ରକ୍ ଚାଳକ ଯାଜପୁର ଜିଲା ମୃଷାଟିକିରି ଗ୍ରାମର ଶରତ ଚନ୍ଦ୍ର ମହାପାତ୍ର(୫୨) ଓ ତାଙ୍କ ପୁଅ ସୌମ୍ୟ ରଞ୍ଜନ ମହାପାତ୍ର(୩୦)ଙ୍କୁ ବୁଧବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ସୋମବାର ରାତି ପ୍ରାୟ ୨ଟା ସମୟରେ ଫରେଷ୍ଟ ଗାର୍ଡ ମିଳନ ଦାଶ ବିଭାଗୀୟ ସ୍କ୍ୱାଡ୍ ସହ ବାରକୋଟ ସେକ୍ସନର ଝୁମ୍ପୁରା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ପୁରୁଣାପାଣି ପଟୁ ବାରକୋଟ ପଟକୁ କାଠଗଣ୍ଡି ବୋଝେଇ ୧୦ ଚକିଆ ଟ୍ରକ (ନଂ-ଓଡି-୦୪-ଏମ-୦୬୦୫)ଆସୁଥିବା ଦେଖି ଅଟକାଇଥିଲେ। ଯାଞ୍ଚ ସମୟରେ ଉକ୍ତ କାଠଗଣ୍ଡି ଦେବଗଡ ବନାଞ୍ଚଳ ଲଇମୁରା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପାଣିଭଣ୍ଡାର ଜଙ୍ଗଲରୁ କେନ୍ଦୁଝର ଯାଉଥିବା ଜଣାପଡିଥିଲା। ଚାଳକ ମଧ କାଜଗପତ୍ର ଦେଖାଇପାରି ନ ଥିଲେ। ଫଳରେ କର୍ମଚାରୀମାନେ ଟ୍ରକ୍ ଜବତ କରି ବାରକୋଟ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆଣିବା ସହ ଚାଳକ ଶରତ ଓ ଟ୍ରକରେ ବସିଥିବା ତାଙ୍କ ପୁଅ ସୌମ୍ୟ ରଞ୍ଜନଙ୍କୁ ବିଭିନ୍ନ ଦଫାରେ ଗିରଫ କରିଥିଲେ।

### ଟ୍ରକ୍ ଧକ୍କାରେ ମହିଳା ମୃତ ଘଟଣା: ଜଣେ ଗିରଫ

**ରାଉରକେଲା ଅଫିସ,୯।୩:** ଟ୍ରକ ଧକ୍କାରେ ମହିଳା ମୃତ ଘଟଣାରେ ବ୍ରାହ୍ମଣୀତରଙ୍ଗ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବଲମୁଣ୍ଡା ଅଞ୍ଚଳର ରଣଧିର ପ୍ରତାପ ସିଂ(୨୪)। ସୂଚନା ଅନୁଯାୟୀ, ପାନପୋଷ ବସ୍ତିରେ ପ୍ରସନ୍ନ ଦ୍ୱିବେଦୀ ଓ ମଞ୍ଜୁଲତା ଦ୍ୱିବେଦୀ ପରିବାର ସହ ବାସକରନ୍ତି। ଗତ ଫେବୃଆରୀ ୯ ତାରିଖରେ ଏକ ସ୍କୁଟିରେ କୌଣସି କାମଯୋଗୁ ନିଜ ବନ୍ଧୁଙ୍କ ଘର ବୀରମିତ୍ରପୁରକୁ ଯାଉଥିଲେ। ସନ୍ଧ୍ୟା ସାଢ଼େ ୪ଟାରେ ତାଙ୍କୁ ଏକ ଟ୍ରକ ବେଦବ୍ୟାସ ଛକ ନିକଟରେ ପଛପଟୁ ହଠାତ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡ଼ିଥିବାବେଳେ ମଞ୍ଜୁଲତାଙ୍କ ମୁଣ୍ଡ ଓ ଛାତିରେ ଖୁବ ଜୋରରେ ଆଘାତ ଲାଗିଥିଲା। ତାଙ୍କୁ ପୋଲିସ ସହାୟତାରେ ଚିକିତ୍ସାଲାଗି ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଶିବ ମନ୍ଦିର ଗର୍ଭ ମୁଦ, ରତ୍ନ ମୁଦ ପାଇଁ ପ୍ରସ୍ତୁତି

**ଦେବଗଡ଼,୯।୩(ଡି.ଏନ.ଏ):** ସହରର ମଠସାହି ସ୍ଥିତ ମା' କନକ ଦୁର୍ଗା ମନ୍ଦିରଠାରେ ମନ୍ଦିର ପରିଚାଳନା କମିଟିର ସଭ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେଇଥିଲା। ଉକ୍ତ ବୈଠକରେ ନିଷ୍ପତ୍ତି ନିଆଗଲା ଯେ ଆସନ୍ତା ୧୩ତାରିଖ ଦୁର୍ଗାମନ୍ଦିର ପରିସରରେ ନୂତନ ଭାବେ ତିଆରି ଚାଲିଥିବା ଶିବ ମନ୍ଦିର ରତ୍ନ ମୁଦ ଓ ଗର୍ଭ ମୁଦ ପର୍ବର କାର୍ଯ୍ୟ ସମାପନ କରିବା ପାଇଁ ସ୍ଥିର କରାଗଲା। ମନ୍ଦିରର ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ସକାଳ ୧୦ ଘଡ଼ିକା ସମୟେ ସାହାଡ଼ା ଗଛ ବରଣ ୧୦ଟା୩୦ ଠାରୁ ଅପରାହ୍ନ ୩ ଟା ମଧ୍ୟେ ଇନ୍ଦ୍ର ଇନ୍ଦ୍ରାଣୀ ବିବାଘର ଓ ହୋମ ଯଜ୍ଞ ଏବଂ ପୂଜା ବିଧି ସମ୍ପର୍ଣ୍ଣ, ଅପରାହ୍ନ ୪ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରତ୍ନମୁଦ ଗର୍ଭ ମୁଦ କାର୍ଯ୍ୟକ୍ରମ ରହିଛି। ଉକ୍ତ ବୈଠକରେ ବରିଷ୍ଠ ସଭ୍ୟ ପ୍ରଦୀପ ଦାଶ, କିଶନ ଅଗ୍ରୱାଲ, ଜୟଦେବ ଝାଙ୍କର, ଶ୍ୟାମ ପଟ୍ଟନାୟକ, ରାଜେନ୍ଦ୍ର ସାହୁ, ରମଣୀ ରଞ୍ଜନ ଆଚାର୍ଯ୍ୟ, ଇନ୍ଦ୍ରମଣି ସାମଲ, କ୍ଷୀରୋଦ ସାହୁ, ବାପି ସାହୁ, ଟିଙ୍କୁ ଖଡିରତ୍ନ, ଶରତ ମେହେର, ରୂପକ ମାଝୀ, ଅମିତ ବେହେରା, ଶିବାଶୀଷ କପରଦାର, ଶିବା ଘଟୁଆରୀ, ବାବୁ ବେହେରା ଓ ଅନ୍ୟ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

### ଶ୍ରବଣ ଯାଞ୍ଚ ଶିବିର ଉଦ୍‌ଘାଟିତ

**ରାଉରକେଲା ଅଫିସ,୯।୩:** ୫୨ତମ ସୁରକ୍ଷା ସପ୍ତାହ ପାଳନ ଅବସରରେ ଇଅର୍ ପ୍ଲସ ହିୟରିଙ୍ଗ କ୍ଲିନିକ ଦ୍ୱାରା ରାଉରକେଲା ଇସ୍ପାତ କାରଖାନା ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗରେ ବୁଧବାର ଶ୍ରବଣ ଯାଞ୍ଚ ଶିବିର ଉଦ୍‌ଘାଟିତ ହୋଇଛି। ଏହି ଶିବିରକୁ ବ୍ଲାଷ୍ଟ ଫର୍ଣ୍ଣେସର ବିଭାଗର ମୁଖ୍ୟ ସାଧାରଣ ପରିଚାଳକ ବି.ଆର ବାବୁ ଓ ଉପ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିରରେ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ୭୦ ଜଣ କର୍ମଚାରୀ ସେମାନଙ୍କର କାନ ପରୀକ୍ଷା କରି ନିଜର ଶ୍ରବଣ ଶକ୍ତିକୁ ଯାଞ୍ଚ କରିଥିଲେ। ଏହି ଶିବିରରେ ମାଗଣାରେ ଇଅର୍‌ପ୍ଲଗ ପ୍ରଦାନ କରାଯାଇଥିଲା। ଏଥିସହ ଆଗାମୀ ଦିନରେ କାରଖାନାର ବିଭିନ୍ନ ବିଭାଗରେ ନିଃଶୁଳ୍କ ଭାବେ ଶ୍ରବଣ ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି ଅରବିନ ଦାସ, ରୁଦ୍ର ପ୍ରତାପ ମହାନ୍ତି ଓ ପ୍ରବଣ ସାମଲ ସୂଚନା ଦେଇଛନ୍ତି।

## ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ

**ସଭାପତି, ଉପସଭାପତି ଓ ସାଧାରଣ ସମ୍ପାଦକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ**

**ସୋନପୁର,୯।୩(ନି.ପ୍ର.)**

୨୦୨୨-୨୩ ବର୍ଷ ପାଇଁ ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ପଦବୀ ପାଇଁ ଗତ ୫ରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲର ଅବଧି ଥିଲା। ବୁଧବାର ପ୍ରାର୍ଥୀପତ୍ରଗୁଡିକ ଯାଞ୍ଚ କରାଯାଇଛି। ନିର୍ବାଚନ ଫଳାଫଳ ଆସନ୍ତା ୨୬ ତାରିଖରେ ବିଧିବଦ୍ଧ ଭାବେ ଘୋଷଣା କରାଯିବ। ତେବେ ମିଳିଥିବା ସୂଚନା ଅନୁଯାୟୀ ସଭାପତି, ଉପସଭାପତି ଓ ସାଧାରଣ ସମ୍ପାଦକ ପଦବୀ ପାଇଁ ଜଣେ ଲେଖାଏ ସଦସ୍ୟ ନିର୍ବାଚନ ମଇଦାନରେ ଅଛନ୍ତି। ତେଣୁ ସଭାପତି ଭାବେ ବିଧାନ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ରବୀନ୍ଦ୍ର କୁମାର ଓ ସାଧାରଣ ସମ୍ପାଦକ ଭାବେ ଗଦାଧର ନେଗୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ସାହୁ ଏହି ନିର୍ବାଚନ ପରିଚାଳନା କରୁଛନ୍ତି।

## ପୁଞ୍ଜିଲାଲଙ୍କ ବିରୋଧରେ ଚାର୍ଜଫ୍ରେମ

**ବଲାଙ୍ଗୀର ଅଫିସ,୯।୩**

ବହୁଚର୍ଚ୍ଚିତ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ବୁଧବାର ପାଟଣାଗଡ ଏଡିଜେ କୋର୍ଟରେ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ବିରୋଧରେ ଚାର୍ଜଫ୍ରେମ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ୩୦୨, ୩୦୭, ୨୦୧ ଏବଂ ସେକ୍ସନ ୩/୪ ଏକ୍ସପ୍ଲୋସିଭ ଆକ୍ଟରେ ଦୀର୍ଘ ୪ବର୍ଷ ପରେ ଚାର୍ଜଫ୍ରେମ୍ ହୋଇଛି। ଚାର୍ଜଫ୍ରେମ୍ ପାଇଁ ପୁଞ୍ଜିଲାଲଙ୍କୁ ବୁଧବାର ବଲାଙ୍ଗୀର ଜିଲା କାରାଗାରରୁ ପାଟଣାଗଡ ଏଡିଜେ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତଙ୍କ ଓକିଲ କୋର୍ଟରେ ଅନୁପସ୍ଥିତ ଥିଲେ। ଓକିଲଙ୍କ ସହ ମୋବାଇଲରେ କଥାବାର୍ତ୍ତା କରାଇବାକୁ ଅଭିଯୁକ୍ତ କରିଥିବା ଅନୁରୋଧକୁ ଏଡିଜେ ଖାରଜ କରିଦେଇଥିଲେ। ଚାର୍ଜଫ୍ରେମ୍ ସମୟରେ ଅଣାଯାଇଥିବା ସମସ୍ତ ଅଭିଯୋଗକୁ ଅଭିଯୁକ୍ତ ମେହେର ଖଣ୍ଡନ କରିଥିବା ଜଣାପଡିଛି।

ପ୍ରକାଶ ଯେ, ୨୦୧୮ ମସିହା ୨୩ ଫେବୃୟାରୀରେ ପାଟଣାଗଡଠାରେ ପାର୍ସଲ ବୋମା ବିସ୍ଫୋରଣରେ ନବବିବାହିତ ସୌମ୍ୟଶେଖର ସାହୁ ଏବଂ ଜେଜେମାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସୌମ୍ୟଶେଖରଙ୍କ ନବବିବାହିତ ସ୍ତ୍ରୀ ରିମାରାଣୀ ସାହୁ ଗୁରୁତର ଆହତ ହୋଇଥିଲେ। ୟୁଟ୍ୟୁବ୍‌ରୁ ବୋମା ତିଆରି କରି ରାୟପୁର ଯାଇ କୋରିଅର ପାର୍ସଲରେ ଉକ୍ତ ବୋମାକୁ ସେଠାରୁ ସୌମ୍ୟଶେଖରଙ୍କ ଘରକୁ ପଠାଇଥିଲେ ପୁଞ୍ଜିଲାଲ। ବିବାହ ରିସେପସନ୍ ପରଦିନ ଉପହାର ପାର୍ସଲ ଖୋଲିବା ସମୟରେ ଏହି ବୋମା ବିସ୍ଫୋରଣ ହୋଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ଘଟଣାର ତଦନ୍ତ କରାଯାଇ ଭଇଁଷା କଲେଜ ଇଂଲିଶ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରାଯାଇଥିଲା।

## ବୀର ବିର୍ସା ମୁଣ୍ଡା ଯୁଥ କ୍ଲବ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ସୁନ୍ଦରଗଡ଼,୯।୩(ଡି.ଏନ.ଏ.)**

ସୁନ୍ଦରଗଡ଼ ସହର ୱାର୍ଡ ନମ୍ବର ସାତରେ ବୀର ବିର୍ସା ମୁଣ୍ଡା ଯୁଥ କ୍ଲବ ଆନୁକୂଲ୍ୟରେ ଗତ ତିନି ଦିନ ଧରି ଚାଲିଥିବା ଛ ଜଣିଆ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ପ୍ରଥମେ ଦୁଇଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ଦୁଇଟି ମ୍ୟାଚର ବିଜୟୀ ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ଏବଂ ସମ୍ମାନିତ ଅତିଥି ଭାବେ ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଫାଇନାଲ ଖେଳରେ ବୀର ବିର୍ସା ମୁଣ୍ଡା ଯୁଥ କ୍ଲବର ବରିଷ୍ଠ ଦଳ ଓ କନିଷ୍ଠ ଦଳ ମଧ୍ୟର ସଂଘର୍ଷ ପୂର୍ଣ୍ଣ ଖେଳ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ ବିର୍ସା ମୁଣ୍ଡା ଯୁଥ କ୍ଲବର କନିଷ୍ଠ ଦଳ ତିନି ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଖେଳ ଶେଷ ହେବା ପରେ ଏହି ବୀର ବିର୍ସା ମୁଣ୍ଡା ଯୁଥ କ୍ଲବ ଦ୍ୱାରା ଛୋଟ ପୁଅ ଝିଅଙ୍କ ମଧ୍ୟରେ କରାଯାଇଥିବା ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ବିଜୟୀ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଫୁଟବଲ ଖେଳକୁ ପରିଚାଳନା କରିଥିବା ରେଫରୀମାନଙ୍କୁ, ଫାଇନାଲ ଫୁଟବଲ ମ୍ୟାଚରେ ଭଲ ଖେଳାଳି, ଭଲ ଗୋଲକିପର ଏବଂ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା। ଫାଇନାଲରେ ବିଜୟୀ ଓ ରନର୍ସଅପ ଦଳକୁ ପୁରସ୍କାର ଦିଆଯାଇଥିଲା। ଏହି ତିନି ଦିନିଆ ଫୁଟବଲ ଖେଳ ପୂର୍ବତନ ନଗରପାଳ ବେଣୁଧର ତଣ୍ଡିଆ, ବୀର ବିର୍ସା ମୁଣ୍ଡା କ୍ଲବର ସଦସ୍ୟ, ସଦସ୍ୟା ଯଥା ଡିଲେଶ୍ୱର ମୁଣ୍ଡା, ଟିଙ୍କୁ ମୁଣ୍ଡା, ଅରୁଣ ମୁଣ୍ଡା, ରାଜେଶ ମୁଣ୍ଡା, ଓମକାର ବାର୍ଲା, ସତ୍ୱାଧୀନ ବାର୍ଲା, ତୁଷାର ବାର୍ଲା, ସଙ୍ଗୀତା ମୁଣ୍ଡା, ଶିବାନୀ ମୁଣ୍ଡା, ପିଙ୍କି ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିଲା।



ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ଖେଳାଳିଙ୍କୁ ପୁରସ୍କୃତ କରିଛନ୍ତି।



ସୁନ୍ଦରଗଡ଼ ଜିଲା ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ରଠାରେ ମଙ୍ଗଳବାର ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହକୁ ସଦର ଏସ୍‌ଡିପିଓ ମଧୁଶିକ୍ତା ମିଶ୍ର ଉଦ୍‌ଘାଟନ କରୁଛନ୍ତି।

## ଟିପ୍ପରରୁ ୬୦ହଜାର ଜରିମାନା ଆଦାୟ



ଜରିମାନା ଆଦାୟ ହୋଇଥିବା ୨ବାଲି ବୋଝେଇ ଟିପ୍ପର।

**କୁଆଁରମୁଣ୍ଡା,୯।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ତହସିଲ ପକ୍ଷରୁ ବେଆଇନ୍ ବାଲି ଚାଲାଣ କରୁଥିବା ୨ଟି ଟିପ୍ପରକୁ ବୁଧବାର ଅପରାହ୍ନରେ ଯମୁନାନାକି ନିକଟରୁ ଜବତ କରାଯାଇଛି। ଉକ୍ତ ବାଲି ବୋଝେଇ ଟିପ୍ପରଦ୍ୱୟର ଟ୍ରାନଜିଟ୍ ନ ଥିବାରୁ ପ୍ରତ୍ୟେକ ଗାଡିରୁ ୩୦ହଜାର ଲେଖାଏଁ ମୋଟ ୬୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢାଉ କୁଆଁରମୁଣ୍ଡା ତହସିଲଦାର ଡା.ରାଜେଶ କୁମାର ସାହୁଙ୍କ ନେତୃତ୍ୱରେ କରାଯାଇଥିବାବେଳେ ରାଜସ୍ୱ ପରିଦର୍ଶକ ବେଣୁଧର ବେହେରା, ରାଜସ୍ୱ ନିରୀକ୍ଷକ ମଙ୍ଗଳ ଯୋଯୋ, ଜାହ୍ନବୀ ବାଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଜରିମାନା ଆଦାୟ ହୋଇଥିବା ଟିପ୍ପର ଦ୍ୱୟର ନମ୍ବର ହେଉଛି ଓଡି ୧୪ଡି ୦୫୦୦ ଏବଂ ଓଆର ୧୪କ୍ୟୁ ୭୪୬୩ ବୋଲି ଜଣାପଡିଛି।

DSPL-419

# ବିଶ୍ୱ ଗ୍ଲୁକୋମା (କଳାମୋତିଆ) ସପ୍ତାହ

୬ -୧୨ ମାର୍ଚ୍ଚ,୨୦୨୨

ଗ୍ଲୁକୋମା(କଳାମୋତିଆ)ର ନିୟନ୍ତ୍ରଣ ଓ ସଚେତନତା ପାଇଁ ପ୍ରତି ବର୍ଷ "ବିଶ୍ୱ ଗ୍ଲୁକୋମା ସପ୍ତାହ" ପାଳନ କରାଯାଉଅଛି। ଉପଯୁକ୍ତ ସଚେତନତା ଓ ଡାକ୍ତରୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ।

"ସୁନ୍ଦର ବିଶ୍ୱକୁ ଦେଖିବା ତେବେ, ଦୃଷ୍ଟି ସୁରକ୍ଷିତ ରହିବ ଯେବେ"

- କଳାମୋତିଆ ବା ଗ୍ଲୁକୋମାରେ ଆକ୍ରାନ୍ତ ହେଲେ ଆଖି ଭିତରର ସ୍ନାୟୁଗୁଡିକ ନଷ୍ଟ ହୋଇ ରୋଗୀ ସବୁଦିନ ପାଇଁ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଇଥାଏ।
- ଏଥିରେ ଆରମ୍ଭରୁ ପ୍ରାୟ କିଛି ଲକ୍ଷଣ ଦେଖାଯାଇନଥାଏ। ତେବେ କେତେକ କ୍ଷେତ୍ରରେ ବଲବ୍ ଚାରିପଟେ ରଙ୍ଗୀନ ଗୋଲ ଦେଖାଯିବା, ଆଖିରେ ଯନ୍ତ୍ରଣା ବା ମୁଣ୍ଡବିନ୍ଧିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ।
- ସାଧାରଣତଃ ୪୦ ବର୍ଷ ବା ତଦୁର୍ଦ୍ଧ ଲୋକମାନଙ୍କୁ (ବିଶେଷ କରି ଯାହାଙ୍କ ପରିବାରରେ କଳାମୋତିଆ ରୋଗ ଥିବାର ପ୍ରମାଣ ଥିବ) ବା ଯେଉଁମାନେ ଡାଇବେଟିସ୍, ରକ୍ତଚାପ ଆଦି ରୋଗରେ ପୀଡିତ ଥିବେ ସେମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ।
- ୪୦ ବର୍ଷ ବା ତଦୁର୍ଦ୍ଧ ପ୍ରତ୍ୟେକ ବ୍ୟକ୍ତି କଳାମୋତିଆ ପାଇଁ ଚକ୍ଷୁପରୀକ୍ଷା ନିଶ୍ଚୟ କରାଇ ନିଅନ୍ତୁ ଓ ଆବଶ୍ୟକ ସ୍ଥଳେ ନିୟମିତ ଚିକିତ୍ସାରେ ରୁହନ୍ତୁ।
- କଳା ମୋତିଆର ଚିହ୍ନଟ ସରକାରୀ ଚକ୍ଷୁଚିକିତ୍ସା କେନ୍ଦ୍ରମାନଙ୍କରେ ଉପଲବ୍ଧ।

ସଠିକ୍ ଚିହ୍ନଟ, ସଠିକ୍ ଉପଚାର, କଳାମୋତିଆକୁ ନଥିବ ଡର।

ସର୍ବଦା କରୋନା ସମ୍ବନ୍ଧୀୟ ସତର୍କତା ନିଶ୍ଚୟ ପାଳନ କରନ୍ତୁ।
ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ।

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
OIPR-10003/13/0151/2122

## ସାଇକେଲରେ ମଦ ବୋହିବା ମହଙ୍ଗା ପଡ଼ିଲା

**ରାଉରକେଲା ଅଫିସ:** କୁଲୁଙ୍ଗା ଅଞ୍ଚଳରେ ଜଣେ ମଦ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିଛି। ଗିରଫ ବ୍ୟବସାୟୀ ନାମ ମଣ୍ଟୁ ସିଂ(୩୨)। ସୂଚନାଯୋଗ୍ୟ କୁଲୁଙ୍ଗା ଅଞ୍ଚଳରେ ମଣ୍ଟୁ ଏକ ପାନ ଗୁମୁଟି କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସାଇକେଲ ଯୋଗେ ମଣ୍ଟୁ ୧୨ଟି ବିୟର ବୋତଲ ଓ ୨୦ଟି ଫରେନ ଲିକର ବୋତଲ ଧରି ନିଜ ଦୋକାନ ଯାଉଥିବାବେଳେ ପୋଲିସ ପାଟ୍ରୋଲିଂ ସମୟରେ ଧରା ପଡ଼ିଯାଇଥିଲା। ବେଆଇନ ଭାବେ ମଦ କାରବାର କରୁଥିବାରୁ ବ୍ରାହ୍ମଣୀତରଙ୍ଗ ପୋଲିସ ମଣ୍ଟୁକୁ (୫୪।୨୨)ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ନାବାଳିକା ଅପହରଣ ଅଭିଯୋଗ: ଯୁବକ ଗିରଫ

**ନାକଟିଦେଉଳ,୯।୩(ଡ଼ି.ଏନ.ଏ.):** ନାକଟିଦେଉଳ ଥାନା ଅଞ୍ଚଳର ଦୁଇ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ବିବାହିତ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ନାକଟିଦେଉଳ ଥାନା ଝାରବେଡ଼ା ଗ୍ରାମର ସୁଶାନ୍ତ କୁମାର ନାଏକ। ପୋଲିସ ସୂଚନା ଅନୁସାରେ ସୁଶାନ୍ତ ଗ୍ରାମରେ ନାମସଂକୀର୍ତ୍ତନ ଶିଖାଉଥିବାବେଳେ ଦୁଇ ନାବାଳିକାଙ୍କୁ ଗତ ୬ତାରିଖରେ ଧରି କେଉଁଆଡ଼େ ଚାଲିଯାଇଥିଲେ। ନାବାଳିକାଙ୍କ ପରିବାର ଖୋଜାଖୋଜି କରି ନ ପାଇବାରୁ ଗତ ୮ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ୫୧/୨୨) ରୁଜୁକରି ତଦନ୍ତ ଚଳାଇଥିଲା। ଦୁଇ ନାବାଳିକାଙ୍କ ସମେତ ଅଭିଯୁକ୍ତ ଦେବଗଡ଼ ଜିଲା ରିଆମାଳ ଥାନାର ଏକ ଗ୍ରାମରେ ରହିଥିବା ସୂଚନା ପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ସେମାନଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସମସ୍ତଙ୍କ ଡାକ୍ତରୀ ମାଇନା ପରେ ପୋଲିସ ନାବାଳିକା ଦ୍ୱୟଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ଅଭିଯୁକ୍ତ ସୁଶାନ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ନକ୍‌ଆଉଟ କ୍ରିକେଟ: ରାଉରକେଲା ଦଳ ଫାଇନାଲରେ

**ବ୍ରଜରାଜନଗର,୯।୩(ଡ଼ି.ଏନ.ଏ.):** ଆମ୍ବିସନ କ୍ଲବ ବ୍ରଜରାଜନଗର ପକ୍ଷରୁ ଆୟୋଜିତ ଜି ଶ୍ୟାମଲ ରାଓ ସ୍ମାରକୀ ନକ୍‌ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ତୃତୀୟ ଦିନରେ ପ୍ରଥମ ସେମିଫାଇନାଲ ଜିମଖାନା କ୍ରିକେଟ ଏକାଡେମୀ ରାଉରକେଲା ଓ ଆମ୍ବିସନ କ୍ଲବ ବ୍ରଜରାଜନଗର ମଧ୍ୟରେ ଖେଳାଯାଇଥିଲା। ରାଉରକେଲା ଦଳ ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୮ ଉଇକେଟ ହରାଇ ୩୦୨ ରନ ସଂଗ୍ରହ କରିଥିଲା। ଆମ୍ବିସନ କ୍ଲବ ୩୫.୪ ଓଭରରେ ସମସ୍ତ ଉଇକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ରାଉରକେଲା ଦଳ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ବିଜୟୀ ଦଳର ୱାଲଟର ଟପ୍ପୋ ୧୧୬ ରନ କରି ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ପ୍ରଜ୍ୱଳ କୁମାର ପଟେଲ, ରବୀନ୍ଦ୍ର ସିଂହ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପି. ଅଶୋକ ଓ ପ୍ରଭଞ୍ଜନ ବଳ ମ୍ୟାଚ ପରିଚାଳନା କରିଥିଲେ।

### ପୋଖରୀରେ ବୁଡ଼ି ମହିଳା ମୃତ

**ରାଜଗାଙ୍ଗପୁର,୯।୩(ଡ଼ି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରାଞ୍ଚଳର ୧ନଂ.ୱାର୍ଡସ୍ଥିତ ବାବାତଲାବ ପୋଖରୀରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଓସିଏଲ ଡେଲିମାର୍କେଟ ନିବାସୀ ଗୀତାରାଣୀ ମହାପାତ୍ର (୬୫)। ବୁଧବାର ସକାଳେ ଘରୁ ବାହାରି ସହର ଅଭିମୁଖେ ଆସୁଥିଲେ। ବାଟରେ ବାବାତଲାବ ପୋଖରୀକୁ ସେ କୌଣସି କାରଣରୁ ଯାଇଥିଲେ। ପୋଖରୀ ପାଣିରେ ପଡ଼ିଯାଇଥିଲେ। ପୋଲିସ ମୃତଦେହ ପୋଖରୀରୁ ଉଦ୍ଧାର କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଲୁହା ପାଇପ ଚୋରା ଚାଲାଣ: ୨ ଗିରଫ

**ରାଉରକେଲା ଅଫିସ,୯।୩:** ଲୁହା ଆଇରନ ଚୋରା ଚାଲାଣ କରୁଥିବାବେଳେ ବ୍ରାହ୍ମଣୀତରଙ୍ଗ ପୋଲିସ ଏକ ଟ୍ରକ ସହ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେବାଶିଷ ଜେନା(୨୨) ଓ ପ୍ରକାଶ ଚନ୍ଦ୍ର ସାହୁ(୩୩) । ଏନେଇ ପୋଲିସ(୨୭।୨୨)ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, କିଶୋର କୁମାର ନାୟକ କୋଏଲନଗର କ୍ୱାଟର୍ସନଂ ଏ/୫୪ରେ ବାସ କରନ୍ତି। ବେଦବ୍ୟାସ ପାହାଡିବାର ନିକଟରେ କିଶୋରଙ୍କର ଦେବି ରୋଡୱେଜ ନାମକ ଏକ ଟ୍ରାନ୍ସପୋର୍ଟ ଅଛି। ଏହି ଟ୍ରାନ୍ସପୋର୍ଟରେ ଥିବା ଟ୍ରକ ନଂ. ଓଆର୨୯-୮୦୭୮ ଯୋଗେ ୨୬ଟନ ଆଇରନ ପାଇପ ସହରରେ ଥିବା ବଜରଙ୍ଗ ଷ୍ଟିଲ, ଅଶୋକା ଷ୍ଟିଲ ପ୍ରାଇଭେଟ ଲିମିଟେଡରେ ପହଞ୍ଚାଇବାକୁ ଥିଲା। ଟ୍ରକ ଡ୍ରାଇଭର ଦେବାଶିଷ ଓ ପ୍ରକାଶ ଏହି ଟ୍ରକରେ ଥିବା ଲୁହା ଆଇରନଗୁଡ଼ିକୁ ଉକ୍ତ କାରଖାନାରେ ନ ପହଞ୍ଚାଇ ଚୋରି କରି ଫେରାର ହୋଇ ଯାଇଥିଲେ। ଏନେଇ ଟ୍ରାନ୍ସପୋର୍ଟ ମାଲିକ କିଶୋର ଥାନାରେ ଅଭିଯୋଗ କରିବାରୁ ପୋଲିସ ଘଟଣାର ତଦନ୍ତ କରି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି।

# ହିଣ୍ଡାଲ୍‌କୋରେ ପ୍ଲାଣ୍ଟ ସମ୍ପ୍ରସାରଣ ଜନଶୁଣାଣି

**ସମ୍ବଲପୁର,୯।୩(ବ୍ୟୁରୋ)**



ଜନଶୁଣାଣିରେ ଯୋଗଦେଇଥିବା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ।

ସମ୍ବଲପୁର ଜିଲା ହୀରାକୁଦଠାରେ ଥିବା ହିଣ୍ଡାଲ୍‌କୋ କମ୍ପାନୀରେ ଫ୍ଲାଟ ରୋଲ୍‌ଡ ପ୍ରଡକ୍ଟ (ଏଫ୍‌ଆର୍‌ପି) ପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ବୁଧବାର ଜନଶୁଣାଣି ହୋଇଛି। ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ଜନଶୁଣାଣିରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଆର୍‌ଓ ରମେଶ ଏକ୍କାଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି କମ୍ପାନୀର ଶ୍ରମିକ ସଂଘ, ସାଧାରଣ ଲୋକ, ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଓ ହୀରାକୁଦ ଅଞ୍ଚଳବାସୀ ମୋଟ ୪ ଶହରୁ ଅଧିକ ଜଣ ଉପସ୍ଥିତ ରହିଥିଲେ। ପ୍ରଶାସନ ପକ୍ଷରୁ ପ୍ଲାଣ୍ଟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଲୋକମାନେ ମଧ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶେଷରେ ପକ୍ଷ ରଖିବା ପାଇଁ ୭୬ ଜଣ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୭୩ ଜଣ କମ୍ପାନୀ ସପକ୍ଷରେ ମତ ରଖିଥିଲେ। ଅନ୍ୟ ୩ଜଣ କମ୍ପାନୀ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଓ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବାକୁ ସର୍ତ୍ତ ରଖି ସ୍ୱୀକୃତି ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଏଡିଏମ୍ ରାଜ କହିଛନ୍ତି, ଜନଶୁଣାଣି ସଫଳ ହୋଇଛି। କମ୍ପାନୀ ସପକ୍ଷରେ ମତ ପ୍ରକାଶ ପାଇଥିଲା। ସମସ୍ତ ଦିଗକୁ ଆଧାର କରି ଆଲୋଚନା ହୋଇଥିଲା।

ସୂଚନାଯୋଗ୍ୟ, ହିଣ୍ଡାଲ୍‌କୋ କମ୍ପାନୀ ଜାମଡ଼ା ମୌଜାରେ ଫ୍ଲାଟ ରୋଲ୍‌ଡ ପ୍ରଡକ୍ଟ ତିଆରି ପାଇଁ ପ୍ଲାଣ୍ଟ କରିବାକୁ ଯାଉଛି। ଏହା ହେଲେ ୧.୩୫ ଲକ୍ଷ ଟନ୍ ହଟ୍ ରୋଲ୍‌ଡ କଏଲ (ଏଚ୍‌ଆର୍‌ସି) ଓ କୋଲ୍ଡ ରୋଲ କଏଲ (ସିଆର୍‌ସି)ରୁ ୫.୮୫ ଲକ୍ଷ ଟନ ହଟ୍ ରୋଲ୍‌ଡ କଏଲ (ଏଚ୍‌ଆର୍‌ସି)କୁ ବୃଦ୍ଧି ପାଇବ। ଏଥିପାଇଁ କାହାକୁ ବିସ୍ଥାପିତ କିମ୍ବା କୌଣସି ସମସ୍ୟାରେ ପକାଯିବ ନାହିଁ। ଆବ୍ୟଶକ ଅତିରିକ୍ତ ୪.୬୩ ହେକ୍ଟର ଜମି ଅଧିଗ୍ରହଣ ହୋଇସାରିଛି। ସମ୍ପ୍ରସାରଣ ହେଲେ ଅତିରିକ୍ତ ୨ ଶହ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିବ। ଆବଶ୍ୟକ ଜଳ ଓ ବିଦ୍ୟୁତ୍ ପାଇଁ କୌଣସି ଅନୁମତି ଦରକାର ନାହିଁ।

**ସପକ୍ଷରେ ମତ ଦେଲେ ୭୩, ସର୍ତ୍ତ ରଖିଲେ ୩ଜଣ**

କମ୍ପାନୀ ନିଜସ୍ୱ ଜଳ ଓ ବିଦ୍ୟୁତ୍ ବ୍ୟବହାର କରିବ। କମ୍ପାନୀର ୧୫୦୦ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ପରିବେଶ ସୁରକ୍ଷା ପାଇଁ ୩୫.୪୦ କୋଟି ଟଙ୍କା ବ୍ୟୟ ବରାଦ ରହିଛି। ଏହି କାରଖାନା ଭାରତରେ ପ୍ରଥମଥର ଆମଦାନୀ ବିକଳ୍ପ ଆଲୁମିନିୟମ ଉତ୍ପାଦଗୁଡିକ ଉତ୍ପାଦନ କରୁଛି। ଉପଗ୍ରହ, କ୍ଷେପଣାସ୍ତ୍ର, ଟ୍ୟାଙ୍କର ଇତ୍ୟାଦି ପାଇଁ ବିମାନରେ ବ୍ୟବହାର ଯୋଗ୍ୟ ଫ୍ଲାଟ ପ୍ରଡକ୍ଟ (ପ୍ଲେଟ/ଶିଟ୍) ଉତ୍ପାଦନ ହେବ। ଇଲେକ୍ଟ୍ରୋନିକ ଉପାଦାନ ପାଇଁ ମଧ ଆଲୁମିନିୟମ ଉତ୍ପାଦନ ହେବ। ଏହା ଦ୍ୱାରା ସ୍ଥାୟୀ ନିଯୁକ୍ତି ସାଙ୍ଗକୁ ସ୍ଥାନୀୟ ବ୍ୟବସାୟିକ ସୁଯୋଗ ସୃଷ୍ଟି ହେବ। ସେହିପରି ରାଜ୍ୟ ଓ କେନ୍ଦ୍ର ପାଇଁ ରାଜସ୍ୱ ବୃଦ୍ଧି ପାଇବା ସାଙ୍ଗକୁ ଆଖପାଖ ଅଞ୍ଚଳର ସାମାଜିକ ଓ ଆର୍ଥିକ ଅଭିବୃଦ୍ଧି ହୋଇପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଏନ୍‌ଏଚ୍‌ରେ ପୃଥକ୍ ଦୁର୍ଘଟଣା: ୩ ମୃତ

**ଝାରସୁଗୁଡ଼ା ଅଫିସ,୯।୩**

ବ୍ରଜରାଜନଗର ଗାନ୍ଧୀ ଛକରୁ କନକତୋରାକୁ ସଂଯୋଗ କରିଥିବା ୪୯ନଂ ଜାତୀୟ ରାଜପଥରେ ପୃଥକ୍ ଦୁର୍ଘଟଣା ଘଟି ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଲଖନପୁର ବେହେରାମାଲ ଗ୍ରାମର ଜିତେନ୍ଦ୍ର ମୁଣ୍ଡା(୨୭), ବରଗଡ ଜିଲା ଅମ୍ବାଭୋନା ଥାନା ଭୟନ୍ତରା ଗ୍ରାମର ହରିରାମ ସା (୩୫) ଓ ଝାରସୁଗୁଡ଼ା ଜିଲା ବଡମାଲ ଥାନା ଖଏଟ ଗ୍ରାମର ହରିହର କୁମୁରା(୩୪)। ପୋଲିସ୍ ଜିତେନ୍ଦ୍ର ଓ ହରିରାମଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ହରିହରଙ୍କ ମୃତଦେହ ପୋଲିସ ଜବତ କରିଥିବାବେଳେ ଗୁରୁବାର ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି। ପୋଲିସ୍ ଦୁର୍ଘଟଣାଗ୍ରସ୍ତ ଓଡି୨୩ ସି-୫୪୭୭ ଓ ଓଡି୨୩ ଏମ୍ ୭୨୯୫ନଂ ବାଇକ୍ ଏବଂ ଦୁର୍ଘଟଣା ଘଟାଇଥିବା ଓଆର୍୨୩-୮୪୪୯ନଂ ଟ୍ରକ୍‌କୁ ଜବତ କରିଛି। ଟ୍ରକ୍ ଚାଳକଙ୍କୁ ମଧ୍ୟ ପୋଲିସ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ଏ ନେଇ ରେଙ୍ଗାଲି ଥାନାରେ କେସ୍ ନଂ୪୦/୨୨ ଓ ବ୍ରଜରାଜନଗର ଥାନାରେ କେସ୍ ନଂ୬୮/୨୨ରେ ମାମଲା ରୁଜୁ ହୋଇଛି। ଜିତେନ୍ଦ୍ର ଓ ହରିରାମ ବାଇକ୍ ଯୋଗେ ପଞ୍ଚଗାଁ ପଟୁ ଲଖନପୁର ଆସୁଥିବାବେଳେ କଦମଡିହି ନିକଟରେ କୋଇଲା ବୋଝେଇ ଟ୍ରକ୍ ଧକ୍କାଦେଇ ଫେରାର୍ ହୋଇଯାଇଥିଲା। ରେଙ୍ଗାଲି ପୋଲିସ ପିଛାକରି ଟ୍ରକ୍‌କୁ ଧରିଥିଲା। ସେହିପରି ହରିହର ବାଇକ୍‌ରେ ବେଲପାହାଡ଼ରୁ ଝାରସୁଗୁଡ଼ା ଫେରୁଥିବାବେଳେ ଆମ୍ବଦରହ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଛି।

# ଅଧକ୍ଷା ପଦକୁ ନେଇ ଚାଲିଛି ଛକାପଞ୍ଝା

**କୁଆଁରମୁଣ୍ଡା, ୯।୩(ଡି.ଏନ.ଏ.)**

**କୁଆଁରମୁଣ୍ଡା ବ୍ଲକ**
**ଅଜ୍ଞାତବାସରେ ନବ ନିର୍ବାଚିତ ସମିତି ସଭ୍ୟାସଭ୍ୟ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୟ ଲାଭ କରିଥିବା ପଞ୍ଚାୟତ ସମିତି ସଭ୍ୟାସଭ୍ୟଙ୍କୁ ନେଇ ଚାଲିଛି ଅଙ୍କକଷା। ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକରେ ଅଧକ୍ଷା ପଦ କିଏ ହାତେଇବ ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ଏବେ ଏହି ବ୍ଲକର ୨୦ଟି ପଞ୍ଚାୟତରୁ ନିର୍ବାଚିତ ସମିତି ସଭ୍ୟାସଭ୍ୟମାନେ ଅଜ୍ଞାତବାସରେ ରହିଥିବା ଜଣାପଡ଼ିଛି। କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ପଦ ତଫସିଲଭୁକ୍ତ ଜନଜାତି ବର୍ଗର ମହିଳାଙ୍କ ପାଇଁ ସଂରକ୍ଷିତ ଅଛି। ବ୍ଲକର ୨ ଜିଲା ପରିଷଦ ଜୋନ ଅଧୀନରେ ଥିବା ୯ଟି ପଞ୍ଚାୟତକୁ ନେଇ ଗଠିତ ‘ଖ’ଜୋନ୍‌ରେ କୌଣସି ତଫସିଲଭୁକ୍ତ ଜନଜାତିବର୍ଗର ସମିତି ସଭ୍ୟା ବିଜୟ ଲାଭ କରିନାହାନ୍ତି। ଅନ୍ୟପକ୍ଷରେ ୧୧ଟି ପଞ୍ଚାୟତକୁ ନେଇ ଗଠିତ ‘କ’ ଜୋନ୍‌ରେ ଏକାଧିକ ତଫସିଲଭୁକ୍ତ ଜନଜାତିବର୍ଗର ସମିତି ସଭ୍ୟା ବିଜୟ ଲାଭ କରିଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରତାପପୁର, ଅଣ୍ଡାଳି ଓ ଝୁନମୁର ପଞ୍ଚାୟତରୁ ବିଜୟ ଲାଭ କରିଥିବା ସମିତି ସଭ୍ୟାମାନେ ପଞ୍ଚାୟତ ସମିତି ଅଧକ୍ଷା ପଦ ପାଇଁ ଦୌଡରେ ଆଗରେ ରହିଥିବା ଚର୍ଚ୍ଚା ଚାଲିଛି। ଏପରିକି ଏହି ପଦ ପାଇଁ ୨ଟି ଗୋଷ୍ଠୀରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ଗୋଟିଏ ଗୋଷ୍ଠୀ କେତେକ ସମିତି ସଭ୍ୟାଙ୍କୁ ନେଇ ହୋଲି ସିଟିରେ ରଖିଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଟେମ୍ପୁଲ ସିଟିରେ ରଖି ଆପ୍ୟାୟିତ କରି ଚାଲିଥିବା ଜଣାପଡିଛି। ଏହି ପଦ ପାଇଁ ଏବେ ଘୋଡା ବେପାର ଆରମ୍ଭ ହୋଇଛି । ଜଣେ ସମିତି ସଭ୍ୟା ପିଛା ସର୍ବନିମ୍ନ ୨ଲକ୍ଷ ଟଙ୍କା ଲେଖାଏଁ ମୂଲଚାଲ ହୋଇଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି।

# ଏମ୍‌ସିଏଲ୍ ଲଖନପୁର ଓସିପିକୁ ରାଷ୍ଟ୍ରୀୟ ସୁରକ୍ଷା ପୁରସ୍କାର



କେନ୍ଦ୍ର ମନ୍ତ୍ରୀଙ୍କଠାରୁ ଖଣି କର୍ତ୍ତୃପକ୍ଷ ପୁରସ୍କାର ଗ୍ରହଣ କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୯।୩**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ)ଲଖନପୁର ଖୋଲାମୁହଁ କୋଇଲାଖଣି (ଓସିପି)କୁ କେନ୍ଦ୍ର ସରକାରଙ୍କ ତରଫରୁ ରାଷ୍ଟ୍ରୀୟ ସୁରକ୍ଷା (ମାଇନ୍ସ) ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ କେନ୍ଦ୍ର ଶ୍ରମ ଓ ନିଯୁକ୍ତି କ୍ୟାବିନେଟ୍ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କଠାରୁ ଗତ ମଙ୍ଗଳବାର ଓସିପି ପ୍ରକଳ୍ପ ଅଧିକାରୀ ବୀରେନ୍ଦ୍ର ସିଂହ ଓ ୱାର୍କମେନ ଇନ୍‌ସ୍ପେକ୍ଟ ମାଇନିଂ ଅର୍ଜୁନ ଚନ୍ଦ୍ର ବେହେରା ଏହି ପୁରସ୍କାର ଗ୍ରହଣ କରିଥିଲେ। ଓସିପି ମାଇନ୍ସରେ ଦୁର୍ଘଟଣା ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଫଳରେ ପୂର୍ବ ଅପେକ୍ଷା ଏବେ ଦୁର୍ଘଟଣା ହାର ହ୍ରାସ ପାଇଛି। ୨୦୧୮ରେ ଏହି ହାର ରେକର୍ଡ ସ୍ତରରେ ରହିଛି। ଏହା ଆଧାରରେ କେନ୍ଦ୍ର ସରକାରଙ୍କ ତରଫରୁ ଓସିପି ମାଇନ୍ସକୁ ଏହି ସର୍ବୋଚ୍ଚ ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କୃତ ହେବା ପରେ ଓସିପି ଅଧିକାରୀ ଓ କର୍ମଚାରୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ଆଗାମୀ ଦିନରେ ସୁରକ୍ଷା କ୍ଷେତ୍ରରେ ଏହା ଅଧିକ ଉତ୍ସାହିତ କରିବ ବୋଲି ଖଣି ପ୍ରକଳ୍ପ ଅଧିକାରୀ ସିଂହ କହିଛନ୍ତି।

## ମଇଦାନରେ ରହିଲେ ୧୧ ଚେୟାରମ୍ୟାନ ପ୍ରାର୍ଥୀ

**ରାଜଗାଙ୍ଗପୁର, ୯।୩(ଡି.ଏନ.ଏ.)**

ପୌର ନିର୍ବାଚନର ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ବୁଧବାର ସମାପ୍ତ ହୋଇଛି। ପ୍ରାର୍ଥିପତ୍ର ଯାଞ୍ଚ ପରେ ରାଜଗାଙ୍ଗପୁର ଚେୟାରମ୍ୟାନ ପଦବୀ ପାଇଁ ବିଜେଡିର ମାଧୁରୀ ଲୁଗୁନ, ଭାଜପାର କୁଲଦିପ ସିଂ, କଂଗ୍ରେସର ଇଫତେକାର ଅହମ୍ମଦ (ପାକାବାବୁ), ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ହାରାନ କୁମାର ବାଗେ, ନିର୍ଦ୍ଦଳୀୟ ଭାବେ ଡାକ୍ତର ଜୟଦେବ ଦାସ, ପୂର୍ଣ୍ଣଚନ୍ଦ୍ର ରାଉତ, ପ୍ରେମ ପ୍ରକାଶ ପ୍ରସାଦ, ପ୍ରଦୀପ କୁମାର ସିଂ, ହୃଷିକେଶ ସାହୁ, ଅଜୟ କୁମାର ପାଇକରାୟ, ତନ୍ମୟ ସିଂ ପ୍ରମୁଖ ୧୧ ଜଣ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସେହିପରି ୨୦ଟି ୱାଡ ପାଇଁ ସମୁଦାୟ ୯୬ କାଉନସିଲର ପ୍ରତିଦ୍ୱନ୍ଦିତା କରୁଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ରାଜଗାଙ୍ଗପୁର ପୌର ଅଞ୍ଚଳରେ ୪୪,୭୮୯ ଜଣ ମତଦାତା ମତଦାନ କରିବେ।

# ଲଖନପୁର ୩ନଂ ଜୋନ୍ ପାଇଁ ଆମ୍ବୁଲାନ୍ସ ପ୍ରଦାନ

**ଝାରସୁଗୁଡ଼ା ଅଫିସ,୯।୩**


ଆମ୍ବୁଲାନ୍ସ ଲୋକାର୍ପଣ କାର୍ଯ୍ୟକ୍ରମରେ ଟ୍ରଷ୍ଟି ଦୀପାଳି ଦାସ ଓ ଅନ୍ୟମାନେ।

ଲଖନପୁର ବ୍ଲକ୍ ୩ନଂ ଜୋନ୍‌ବାସୀଙ୍କ ପାଇଁ ବୁଧବାର ନରସିଂହ ବିଷ୍ଣୁପ୍ରିୟା ଟ୍ରଷ୍ଟ ତରଫରୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଏହାକୁ ଟ୍ରଷ୍ଟି ଦୀପାଳି ଦାସ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ଖଡାମ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଟ୍ରଷ୍ଟି ଦାସ, ନବନିର୍ବାଚିତ ଜିଲା ପରିଷଦ ପୁଷ୍ପଲତା ସେଠ୍, ପ୍ରସନ୍ନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟି ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ନିକଟରେ ଅଞ୍ଚଳବାସୀ ଆମ୍ବୁଲାନ୍ସ ପାଇଁ ଦାବି କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଟ୍ରଷ୍ଟ ତରଫରୁ ଲଖନପୁର ବ୍ଲକ୍ ୧ନଂ ଜୋନ୍‌ରେ ୨ ଓ ୩ନଂ ଜୋନ୍‌ରେ ୧ ଆମ୍ବୁଲାନ୍ସ ଲୋକଙ୍କ ସେବା ପାଇଁ ଯୋଗାଇ ଦିଆଯାଇଛି । ଆଗାମୀ ଦିନରେ କିଭଳି ଲୋକେ ସବୁପ୍ରକାର ସୁବିଧା ପାଇପାରିବେ ସେ ନେଇ ଟ୍ରଷ୍ଟ ତରଫରୁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।

# ମହିଳା ଦିବସରେ ନାରୀ ପ୍ରତିଭା ସମ୍ବର୍ଦ୍ଧିତ

**କୁଚିଣ୍ଡା,୯।୩(ଡି.ଏନ.ଏ.)**

କୁଚିଣ୍ଡା ଆଦିବାସୀ ଭବନରେ ଆଦିବାସୀ ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ମଙ୍ଗଳବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ପରିଷଦର ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତୁଳସୀ ମଞ୍ଜରୀ ବହିଦାର ମୁଖ୍ୟ ଅତିଥି, ଝାରସୁଗୁଡ଼ା ଝରଣା ସାହିତ୍ୟ ସଂସଦ ସମ୍ପାଦକ ପ୍ରେମ ସାଗର ତିହିରିଆ, ରଜନୀ ପଟେଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କରୁଣାକର କିଷାନ, ରବୀନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ମହିଳା ଦିବସର ମହତ୍ତ୍ୱ, ମହିଳା ସପକ୍ଷରେ ଥିବା ଆଇନ, ମହିଳା ଶିକ୍ଷା ଓ ନିଶା ନିବାରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉପଖଣ୍ଡର କୃତୀ ନାରୀ ପ୍ରତିଭାଙ୍କୁ ଅତିଥିଗଣ ପୁରସ୍କୃତ କରି ସମ୍ବର୍ଦ୍ଧିତ କରିଥିଲେ। ରମେଶ ପ୍ରଧାନ ସ୍ୱାଗତ ଭାଷଣ ଓ ଲିପି ପାତ୍ର ଧନ୍ୟବାଦ ଦେଇଥିଲେ।


ନାରୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଅତିଥି।

# ରେଳ ମଣ୍ଡଳରେ ଆନ୍ତର୍ଜାତିକ ମହିଳା ଦିବସ

**ସମ୍ବଲପୁର,୯।୩(ବ୍ୟୁରୋ)**

ପୂର୍ବତଟ ରେଳପଥ ସମ୍ବଲପୁର ମଣ୍ଡଳ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଲୱେ କମ୍ୟୁନିଟି ସେଣ୍ଟରଠାରେ ମହିଳା କର୍ମଚାରୀଙ୍କ ମଧ୍ୟରେ ସଚେତନତା, କର୍ମଶାଳା, ୱାକାଥନ, କୌତୁକ ଇଭେଣ୍ଟ, ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ବଲପୁର ମହିଳା କଲ୍ୟାଣ ସଙ୍ଗଠନ ଅଧ୍ୟକ୍ଷା ଈଷା ମଲ୍ଲିକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ସମ୍ମାନିତ ଅତିଥି ଥିଲେ। ଶିକ୍ଷାବିତ୍ ଡ. ନିଲେନ୍ଦ୍ରୀ ପଣ୍ଡା, ଆଇନଜୀବୀ ରୁଖସାନା ପରୱିନ ବକ୍ତା ଭାବେ ଯୋଗଦେଇଥିଲେ। ବରିଷ୍ଠ ରେଳ ମଣ୍ଡଳ କାର୍ମିକ ଅଧିକାରୀ ଜୁସୁଫ କବି ଅନସାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସହାୟକ କାର୍ମିକ ଅଧିକାରୀ ଦିଗମ୍ବର ପାଢ଼ୀ ଧନ୍ୟବାଦ ଦେଇଥିଲେ।

# କୁଚିଣ୍ଡା ଏନ୍‌ଏସି: ଯାଞ୍ଚରେ ସୁରେଶରୀଙ୍କ ନାମାଙ୍କନ ଖାରଜ

**କୁଚିଣ୍ଡା,୯।୩(ଡି.ଏନ.ଏ.)**

କୁଚିଣ୍ଡା ଏନ୍‌ଏସିରେ ବୁଧବାର ନାମାଙ୍କନ ଯାଞ୍ଚ ହୋଇଥିଲା। ଅଧକ୍ଷ ପଦ ପାଇଁ ୧୧ଜଣ ନାମାଙ୍କନ କରିଥିବା ବେଳେ ଯାଞ୍ଚରେ ସ୍ୱାଧୀନ ପ୍ରାର୍ଥୀ ସୁରେଶରୀ ଚାଣ୍ଡିଙ୍କ ନାମାଙ୍କନ ଖାରଜ ହୋଇଥିବା ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି। ଅଧକ୍ଷ ପାଇଁ ଏବେ ମଇଦାନରେ ୧୦ଜଣ ରହିଥିବାବେଳେ ୱାର୍ଡ କାଉନ୍‌ସିଲର୍ ପାଇଁ ମୋଟ ୩୯ଜଣ ପ୍ରାର୍ଥୀ ରହିଛନ୍ତି।

# ହନୁମାନ ଜୟନ୍ତୀ ପ୍ରସ୍ତୁତି ବୈଠକରେ ଗଣ୍ଡଗୋଳ

**ସମ୍ବଲପୁର,୯।୩(ବ୍ୟୁରୋ)**

**ଚାନ୍ଦା ଆଦାୟ ପ୍ରସଙ୍ଗ ଉଠିଲା**

ସମ୍ବଲପୁର ଜିଲାରେ ହନୁମାନ ଜୟନ୍ତୀ ଧୁମ୍‌ଧାମରେ ପାଳନ କରାଯାଇଥାଏ। ଏଥିପାଇଁ ବୁଧବାର ପ୍ରସ୍ତୁତି ବୈଠକ ବେଳେ ଗଣ୍ଡଗୋଳ ହେବାରୁ ଅଧାରୁ ବନ୍ଦ ହୋଇଯାଇଥିଲା। ବୈଠକରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ସଭାପତି ଗିରିଶ ପଟେଲ ଓ ଭାଜପା ନେତା ସମୀର ବାବୁ ମୁହାଁମୁହିଁ ହୋଇଥିଲେ। ସଭା ଆରମ୍ଭର କିଛି ସମୟ ପରେ ଜଣେ ଯୁବକ ବିଗତ ବର୍ଷର ଖର୍ଚ୍ଚ ଓ କେତେ ଟଙ୍କା ଚାନ୍ଦା ଆଦାୟ କରାଯାଇଛି ହିସାବ ମାଗିଥିଲେ। ଏହାସହ କେତେ ଜଣ ନେତା ଗୋ ହତ୍ୟାକାରୀ ଓ ଚାଲାଣକାରୀଙ୍କ ସହ ମିଶି ଟଙ୍କା ଅସୁଲି କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଏ ନେଇ ସମିତି ସଭାପତି ପଟେଲ କହିଥିଲେ, ଏବେ ହନୁମାନ ଜୟନ୍ତୀ ପାଇଁ ବୈଠକ ହେଉଛି। ଏହା ଉପରେ ମତ ଓ ପ୍ରସ୍ତାବ ରଖ। ଅନ୍ୟ କେତେଜଣ ଉକ୍ତ ଯୁବକଙ୍କୁ ବୈଠକରୁ ଚାଲିଯିବାକୁ କହିଥିଲେ। ଏହାକୁ ନେଇ ସମୀର ବାବୁ ଓ ଅନ୍ୟ ସମର୍ଥକ ସାଧାରଣ ବୈଠକରେ କହିବାର ଅଧିକାର ରହିଛି। ତେଣୁ ଜଣଙ୍କୁ ଅପମାନ କରାଯାଇ ପାରିବ ନାହିଁ ବୋଲି କହିଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ବୈଠକ ବନ୍ଦ ହୋଇଯାଇଥିଲା। ଏ ସମ୍ପର୍କରେ ସମୀର ବାବୁ କହିଛନ୍ତି, ହନୁମାନ ଜୟନ୍ତୀ ସହ ହିନ୍ଦୁମାନଙ୍କ ଭାବନା ଜଡିତ। ଲୋକେ ସ୍ୱଇଚ୍ଛାରେ ଏଥିପାଇଁ ଚାନ୍ଦା ଦେଇଥାନ୍ତି। ଯେଉଁମାନେ ଚାନ୍ଦା ଦେଉଛନ୍ତି ସେମାନଙ୍କୁ ଖର୍ଚ୍ଚ ଜାଣିବାର ଅଧିକାର ରହିଛି। ଜୟନ୍ତୀ ପାଳନ କରିବାରେ କେହି ବାଧା ଦେଇନାହାନ୍ତି। ହେଲେ କମିଟି ଗଠନ କରି ମୋଟା ଅଙ୍କର ଚାନ୍ଦା ଆଦାୟ କରାଯାଉଛି। ଏହା ଲୋକଙ୍କ ବିଶ୍ୱାସ ଓ ଆବେଗ ପ୍ରତି କୁଠାରଘାତ ସଦୃଶ। କୋର କମିଟି ଆଗରେ ଏ ନେଇ ସମସ୍ତ ସୂଚନା ଦିଆଯାଇଛି ବୋଲି କହିଥିଲେ। ଅନ୍ୟପଟେ ଜୟନ୍ତୀ ସମନ୍ୱୟ ସମିତି ସଭାପତି ପଟେଲ କହିଛନ୍ତି, ଧୁମ୍‌ଧାମରେ ଜୟନ୍ତୀ ପାଳନ କରାଯିବ। ଏତେ ବଡ କାର୍ଯ୍ୟକ୍ରମ ହେଉଥିବାରୁ ଲୋକଙ୍କ ପାଖରୁ ଚାନ୍ଦା ଅକାରରେ ଆର୍ଥିକ ସହଯୋଗ ନିଆଯାଉଛି। କିଛି ଖଳ ପ୍ରକୃତିର ଲୋକ ଜୟନ୍ତୀ ପାଳନ ନ ହେବା ନେଇ ଚେଷ୍ଟା କରୁଛନ୍ତି। ନୂତନ କର୍ମକର୍ତ୍ତା ମନୋନୟନ ଦିଗରେ କୋର କମିଟି ନିଷ୍ପତ୍ତି ନେବ। ଜୟନ୍ତୀ ପାଳନରେ ଯାହାର କିଛି ଭୂମିକା ନାହିଁ ସେମାନେ ବୈଠକକୁ ଆସି ଭଣ୍ଡୁର କରିବାକୁ ଯୋଜନା କରୁଥିଲେ ବୋଲି କହିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସମଗ୍ର ଶିକ୍ଷା ଯୋଜନା ତରଫରୁ ଆୟୋଜିତ ଏହି ଶିବିର ଆସନ୍ତା ୧୭ ତାରିଖ ଯାଏ ଚାଲିବ। ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦେହୁରୀ ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଖେଳ ଶିକ୍ଷକ ମଞ୍ଜୁବାଳା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀ ପ୍ରତିଭା ଭୋଇ ଓ ଟେଭାପଦର ୟୁଜିଏମଇ ସ୍କୁଲର ଖେଳ ଶିକ୍ଷୟିତ୍ରୀ ସରୋଜିନୀ ରଣା ପ୍ରଶିକ୍ଷକ ଭାବେ ଯୋଗ ଦେଇଛନ୍ତି ।

# ଦବିଲା କାଣ୍ଡେଲ-ସିରୋଲ ବ୍ରିଜ୍

- ବାଲି ବୋଝେଇ ହାଇୱା ଯିବା ବେଳେ ଅଘଟଣ
- ଯୋଗାଯୋଗ ବିଚ୍ଛିନ୍ନ, ଦୁର୍ଘଟଣାରୁ ବର୍ତ୍ତିଲା
- ନିମ୍ନମାନର କାର୍ଯ୍ୟକୁ ଦାୟୀ କଲେ ଲୋକେ
- ସ୍କୁଲ ଯିବାକୁ ଛାତ୍ରୀଛାତ୍ର ଭୟଭୀତ

କେସିଙ୍ଗା,୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ-ସିରୋଲକୁ ସଂଯୋଗ ଏକମାତ୍ର ବ୍ରିଜ୍ ବୁଧବାର ସକାଳ ୯ଟାରେ ଏକ ବାଲି ବୋଝେଇ ହାଇୱା ଯାଉଥିବା ବେଳେ ହଠାତ୍ ଦବି ଯାଇଛି। ଫଳରେ କାଣ୍ଡେଲ-ସିରୋଲ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କୌଣସି ଧନଜୀବନ କ୍ଷୟକ୍ଷତି ଘଟି ନ ଥିଲେ ମଧ୍ୟ ଗାଡି ଅଳ୍ପକେ ଏକ ବଡ଼ଧରଣ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। କାଣ୍ଡେଲ, ବାଲସି, ସାରିଆ, ରୁପ୍ରାରୋଡ଼, ଶିରୋଲ ଆଦି ଗ୍ରାମପଞ୍ଚାୟତ ପ୍ରାୟ ୩୦ ହାଜର ଲୋକେ ଗମନାଗମନରେ ଅସୁବିଧା ସମ୍ମୁଖୀନ ହୋଇଛନ୍ତି। ସୂଚନା ଯେ, ଶିକ୍ଷା, ସ୍ୱାସ୍ଥ୍ୟ, ବଜାରଠୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟ ପାଇଁ କାଣ୍ଡେଲ ଏକ ମୁଖ୍ୟ ପେଣ୍ଠସ୍ଥଳୀ ପାଲଟିଥିବା ବେଳେ ବ୍ରିଜ୍ ଧସିଯିବା ଯୋଗୁ ଅଞ୍ଚଳବାସୀଙ୍କ ପାଇଁ ମୁଖ୍ୟ ସମସ୍ୟା ହୋଇଛି। କେସିଙ୍ଗା ସହର ଯିବା ପାଇଁ ମଧ୍ୟ ଏହି ରାସ୍ତା ଏକ ମୁଖ୍ୟ ମାଧ୍ୟମ ଥିଲା। ସିରୋଲ, ପୋଡଖମ୍ଭ ଗାଁର ଛାତ୍ରୀଛାତ୍ରମାନେ କାଣ୍ଡେଲ ହାଇସ୍କୁଲକୁ ପାଠପଢିବାକୁ ଆସୁଥିବା ବେଳେ ବ୍ରିଜ ଦବିଯିବାରୁ ଛାତ୍ରୀଛାତ୍ରମାନେ ଭୟଭୀତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଛାତ୍ରୀଛାତ୍ରଙ୍କୁ ରାସ୍ତାପାର କରି ବିଦ୍ୟାଳୟକୁ ପଠାଯାଇଛି। କାଣ୍ଡେଲ ଗ୍ରାମପଞ୍ଚାୟତରେ ଉପସ୍ୱାସ୍ଥ୍ୟକେନ୍ଦ୍ର ଥିବାରୁ ଏହି ଅଞ୍ଚଳ ଲୋକମାନେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇଛନ୍ତି। ଏହି ସେତୁ ନିର୍ମାଣରେ ତ୍ରୁଟି ଯୋଗୁ ଅନେକ ଥର ବନ୍ୟାରେ ବିପଦସଙ୍କୁଳ ଅବସ୍ଥାରେ ଥିବାବେଳେ ଏବେ ଆକସ୍ମିକ ଭାବେ ଦବିଯିବାରୁ ନିମ୍ନମାନର କାମ ଯୋଗୁ ଏଭଳି ଘଟିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବ୍ରିଜ ପ୍ରାୟ ୧୫ ବର୍ଷ ତଳେ ନିର୍ମାଣ ହୋଇଥିବା ବେଳେ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ମଧ୍ୟ ଘଟିଥିଲା। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲେ ମଧ୍ୟ ଅଣଓସାରିଆ ଏହି ସେତୁ ନିମ୍ନମାନର କାର୍ଯ୍ୟ ଯୋଗୁ ଧସିପଡ଼ିଛି। ବୁଧବାର ଏଠାରେ ସାପ୍ତାହିକ ହାଟ ଥିବାରୁ ବହୁ ଚାରିଚକିଆ ଗାଡି ବଜାର ଆସି ଦୀର୍ଘ ସମୟ ଧରି ଫସିରହିଥିଲା। ପରେ ଅନ୍ୟ ଏକ ବୁଲାଣି ରାସ୍ତା ପାଖାପାଖି ୧୦ କି.ମି. ବୁଲି ଯାଇଥିବା ଦେଖାଦେଇଛି। ତୁରନ୍ତ ଆରଡି ବିଭାଗ ସେତୁ ନିର୍ମାଣ କରିବା ସହିତ ବର୍ତ୍ତମାନ ପିଲାଙ୍କ ପରୀକ୍ଷା ହେବ, ତେଣୁ ଯଥାଶୀଘ୍ର ପ୍ରାଥମିକ ପଦକ୍ଷେପ ଗ୍ରହଣ କରି ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ କେସିଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଜିତ ସିଂଙ୍କୁ ଯୋଗାଯୋଗ କରିବାରୁ ସ୍ଥାନୀୟ ସରପଞ୍ଚଙ୍କ ସହିତ ଏ ନେଇ ଆଲୋଚନା କରାଯାଇଛି, ପ୍ରାଥମିକ ପଦକ୍ଷେପ ଗ୍ରହଣ କରାଯାଇଛି। ପରବର୍ତ୍ତୀ ସମୟରେ ସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି କହିଛନ୍ତି।


କାଣ୍ଡେଲ-ସିରୋଲ ବ୍ରିଜ୍ ଦବିଛି।

## ସଂକ୍ଷେପରେ

### ୟୁକ୍ରେନ୍‌ରୁ ଫେରିଲେ ଡାକ୍ତରୀ ଛାତ୍ରୀ ମାଣ୍ଡା ଜ୍ୟୋତିଶ୍ୱରୀ

ଜାମଟିକ୍ରା,୯।୩(ଡି.ଏନ.ଏ.): ୟୁକ୍ରେନରେ ଫସି ରହିଥିବା ବାରଗଡ ଜିଲା ଅତାବିରା ବ୍ଲକ ରେଙ୍ଗାଲିକେମ୍ପର ଝିଅ ମାଣ୍ଡା ଜ୍ୟୋତିଶ୍ୱରୀ ବୁଧବାର ଅପରାହ୍ଣରେ ନିଜ ଘରକୁ ଫେରିଛନ୍ତି। ସେ ୟୁକ୍ରେନରେ ଗତ ୨ ବର୍ଷ ହେଲା ଡାକ୍ତରୀ ପଢୁଥିଲେ। ରୁଷିଆର ୟୁକ୍ରେନ ଆକ୍ରମଣଜନିତ ଯୁଦ୍ଧ ସମୟରେ ସେ କିଭଳି ସହପାଠୀଙ୍କ ସହ ଗୋଟିଏ ସ୍ଥାନରେ ଭୋକ ଉପାସରେ ରହୁଥିଲେ ତାହା ବଖାଣିଛନ୍ତି। ସେ ଗତ ରବିବାର ରୋମାନିଆ ସୀମାରେ ପହଞ୍ଚିବା ଥିଲେ। ସେଠାରୁ ଏକ ସ୍ୱତନ୍ତ୍ର ବିମାନରେ ଅନ୍ୟ ଭାରତୀୟଙ୍କ ସହିତ ନୂଆଦିଲ୍ଲୀ ପହଞ୍ଚି ଥିଲେ ଜ୍ୟୋତିଶ୍ୱରୀ । ସେଠାରୁ ଝାରସୁଗୁଡା ବିମାନବନ୍ଦରରେ ବୁଧବାର ଅପରାହ୍ଣ ୨ଟାରେ ଓହ୍ଲାଇ ସନ୍ଧ୍ୟା ପ୍ରାୟ ୫ଟାରେ ରେଙ୍ଗାଲିକେମ୍ପରେ ପହଞ୍ଚିଥିଲେ । ବାପା ମାଣ୍ଡା ପି.ସୁବ୍ରମଣିଅମ, ମା ନିର୍ମଳା ଦେବୀଙ୍କ ସହିତ ପରିବାରର ଅନ୍ୟ ସଦସ୍ୟମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ଜଣାଇଥିଲେ ।

### କାର୍ ଧକ୍କାରେ ଜଣେ ମୃତ, ରାସ୍ତାରୋକୋ

ବରପାଲି,୯।୩(ଡି.ଏନ.ଏ): ବରଗଡ଼-ବରପାଲି ରାସ୍ତାର କୁସନପୁରୀ ନିକଟରେ ବୁଧବାର କାର ଧକ୍କାରେ ରାସ୍ତା ପାର୍ ହେଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁସନପୁରୀ ଗ୍ରାମର ଗଣେଶ ସାହୁ(୫୫)। ଦୁର୍ଘଟଣା ପରେ କ୍ଷତିପୂରଣ ଦାବି କରି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ପୋଲିସ ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା। ଏହାପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲା । ପ୍ରକାଶ ଯେ, ଗଣେଶ କୌଣସି କାମରେ ବାହାରକୁ ଆସି ରାସ୍ତା ପାର ହେବା ସମୟରେ ଏକ କାର୍(ନଂ-ଓଡ଼ି୧୭ୱାଇ ୧୫୧୭) ତାଙ୍କୁ ଧକ୍କା ଦେଇଥିଲା। ପୋଲିସ କାର୍‌କୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଛି ।

### ଅବସରପ୍ରାପ୍ତ ଶିକ୍ଷକ ସଂଘର ପ୍ରାନ୍ତୀୟ ବୈଠକ

ଅମରପାଲି,୯।୩(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡସ୍ତରୀୟ ଅବସରପ୍ରାପ୍ତ ଶିକ୍ଷକ ସଂଘର ଏକ ବୈଠକ ଗୋଧନେଶ୍ୱର ଶିବମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ସଭାପତି ବାଳଗୋପାଳ ମହାପାତ୍ର ଅଧକ୍ଷତା କରିଥିଲେ। ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ମିଶ୍ର ମୁଖ୍ୟଅତିଥି, ପୂର୍ବତନ କଲେଜ ଅଧକ୍ଷ ଡ.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟବକ୍ତା, ଯୋଗାଚାର୍ଯ୍ୟ ଗୋରେଖନାଥ ସାହୁ ଓ ଶିକ୍ଷାବିତ୍ ବ୍ରଜମୋହନ ଦାନୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ପ୍ରଦୀପ ପୁରୋହିତ ସ୍ୱାଗତ ଜଣାଇ ଥିବା ବେଳେ ବେଣୀମାଧବ ମହାପାତ୍ର, କୃଷ୍ଣଚନ୍ଦ୍ର ପାଢ଼ୀ, ଭୂଷଣ ପାତ୍ର, ଯଜ୍ଞେଶ୍ୱର ପୂଜାରୀ, ଜିଲା କୃଷକ ସଂଗଠନ ସଭାପତି ବୈକୁଣ୍ଠନାଥ ଶତପଥୀ ଶିକ୍ଷା ଓ ଶିକ୍ଷକର ଉନ୍ନତି ସକାଶେ ନିଜର ମତ ରଖିଥିଲେ। ଶେଷରେ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ବୈଠକ ସୋନପୁର ଯୋଗ ବିହାରଠାରେ ବସିବା ପାଇଁ ସ୍ଥିର କରାଯାଇଛି ।

### ବାଲି ଚାଲାଣ ବେଳେ ଧରପଗଡକୁ ବିରୋଧ କଲେ ଟ୍ରାକ୍ଟର ମାଲିକ ସଂଘ

ବୌଦ୍ଧ,୯।୩ (ସ୍ୱ.ପ୍ର.): ବୌଦ୍ଧ ଜିଲାରେ ମହାନଦୀରୁ ବାଲି ଉଠାଣ ନେଇ ପ୍ରଶାସନ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଉଛି । ଟେଣ୍ଡର ଆହ୍ୱାନ ପରେ ଟେଣ୍ଡର ଗ୍ରହିତାଙ୍କୁ ବାଲିଘାଟ ନିଲାମ ଦିଆଯାଇଛି। କିନ୍ତୁ ଟେଣ୍ଡର ନେଇଥିବା ଠିକାଦାରମାନେ ବାଲି ଦେବା ସମୟରେ କୌଣସି ରସିଦ ଦେଉ ନାହାନ୍ତି । ଫଳରେ ବାଲି ଆଣିବା ସମୟରେ ବହୁ ସମୟରେ ପ୍ରଶାସନ ଦ୍ୱାରା ଧରାପଡି ଚୋରା ବାଲି ଚାଲାଣ ଅଭିଯୋଗରେ ଗାଡି ମାଲିକଙ୍କୁ ଜରିମାନା ଦେବାକୁ ପଡୁଛି । ଏନେଇ ବୁଧବାର ବୌଦ୍ଧ ଜିଲାର ଟ୍ରାକ୍ଟର ମାଲିକ ସଂଘ ବାଲିଘାଟ ନିଲାମ ନେଇଥିବା ଠିକାଦାରଙ୍କ ବିରୋଧରେ ବୌଦ୍ଧ ତହସିଲଦାରଙ୍କ ପାଖରେ ଫେରାଦ ହୋଇଥିବା ଜଣାପଡିଛି। ମାଲିକଙ୍କ ଅଭିଯୋଗ ଅନୁଯାୟୀ, ଟଙ୍କା ଦେଇ ମହାନଦୀରୁ ବାଲି ଆଣୁଛୁ । ମାତ୍ର ବାଲି ଦେବା ସମୟରେ ବାଲିଘାଟ ଠିକାଦାର କୌଣସି ରସିଦ ଦେଉନାହାନ୍ତି । ଫଳରେ ବାଲି ନେବା ସମୟରେ ପ୍ରଶାସନ ପକ୍ଷରୁ ଚୋରା ବାଲି କହି ମୋଟା ଅଙ୍କର ଜରିମାନା କରାଯାଉଛି । ଏଣୁ ଏହାର ତଦନ୍ତ କରି ପଦକ୍ଷେପ ନେବା ସହ ବାଲି ଉଠାଣ ସମୟରେ ରସିଦ ଦେବାକୁ ଦାବି କରିଥିଲେ ।

## ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ

**ସଭାପତି, ଉପସଭାପତି ଓ ସାଧାରଣ ସମ୍ପାଦକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ**

ସୋନପୁର,୯।୩(ନି.ପ୍ର.)

୨୦୨୨-୨୩ ବର୍ଷ ପାଇଁ ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ପଦବୀ ପାଇଁ ଗତ ୫ରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲର ଅବଧି ଥିଲା। ବୁଧବାର ପ୍ରାର୍ଥୀପତ୍ରଗୁଡିକ ଯାଞ୍ଚ କରାଯାଇଛି। ନିର୍ବାଚନ ଫଳାଫଳ ଆସନ୍ତା ୨୬ ତାରିଖରେ ବିଧିବଦ୍ଧ ଭାବେ ଘୋଷଣା କରାଯିବ। ତେବେ ମିଳିଥିବା ସୂଚନା ଅନୁଯାୟୀ ସଭାପତି, ଉପସଭାପତି ଓ ସାଧାରଣ ସମ୍ପାଦକ ପଦବୀ ପାଇଁ ଜଣେ ଲେଖାଏ ସଦସ୍ୟ ନିର୍ବାଚନ ମଇଦାନରେ ଅଛନ୍ତି। ତେଣୁ ସଭାପତି ଭାବେ ବିଧାନ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ରବୀନ୍ଦ୍ର କୁମ୍ଭାର ଓ ସାଧାରଣ ସମ୍ପାଦକ ଭାବେ ଗଦାଧର ନେଗୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ସାହୁ ଏହି ନିର୍ବାଚନ ପରିଚାଳନା କରୁଛନ୍ତି।

## ୧୯ ଉଚ୍ଚ ବିଦ୍ୟାଳୟକୁ ମିଳିଲା ଜମିପଟ୍ଟା

ନୂଆପଡ଼ା ଅଫିସ,୯।୩

ନୂଆପଡା ଜିଲାରେ ଅଧିକାଂଶ ବିଦ୍ୟାଳୟର ନିଜସ୍ୱ ଜାଗା ଓ ବିଦ୍ୟାଳୟ ପରିସରରେ ଥିବା ସରକାରୀ ଜାଗାକୁ ଜିଲା ପ୍ରଶାସନ ପକ୍ଷରୁ ପଦେକ୍ଷପ ନେଇ ୧୯ଟି ଉଚ୍ଚ ବିଦ୍ୟାଳୟକୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜମିପଟ୍ଟା ବଣ୍ଟନ କରାଯାଇଛି। ଜମିପଟ୍ଟା ସ୍କୁଲ ଓ ଗଣ ଶିକ୍ଷା ବିଭାଗ ଓଡ଼ିଶା ସରକାର ମାର୍ଫତ ସରକାରୀ ବିଦ୍ୟାଳୟ ନାମରେ ନାମିତ ହୋଇଛି। ଏହି ଅବସରରେ ଜିଲାପାଳ ସ୍ୱାଧାଦେବ ସିଂ, ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ଫୁଲମଣୀ ମୁର୍ମୁ, ସହଶିକ୍ଷା ଅଧିକାରୀ ହିମାଂଶୁ ଶେଖର ମିଶ୍ର ଉପସ୍ଥିତ ରହିଥିଲେ। ସୂଚନାନୁସାରେ ଜିଲାର ୯୬ଟି ଉଚ୍ଚ ବିଦ୍ୟାଳୟ ଆବେଦନ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୯ଟି ବିଦ୍ୟାଳୟକୁ ପଟ୍ଟା ପ୍ରଦାନ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୭୭ ବିଦ୍ୟାଳୟକୁ ପଟ୍ଟା ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ନିୟମଗିରି ବେଦାନ୍ତ ନଗର ବିଜୟୀ

**ଜୟ ବୁଢାଭୈରବ ନକ୍ଆଉଟ କ୍ରିକେଟ**

ଲାଞ୍ଜିଗଡ଼,୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଜଗନ୍ନାଥପୁର ପଞ୍ଚାୟତସ୍ଥିତ ବଳଭଦ୍ରପୁର ଖେଳ ପଡିଆଠାରେ ବଳଭଦ୍ରପୁର ଜୟ ବୁଢାଭୈରବ ନକ୍ଆଉଟ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ନିୟମଗିରି ବେଦାନ୍ତ ନଗର ଓ ରାୟଗଡା ଜିଲା ଡୁର୍କୀଲିମା ଦଳ ମଧ୍ୟରେ ହୋଇଥିଲା। ଡୁର୍କୀଲିମା ବ୍ୟାଟିଂ କରି ୧୨ ଓଭରରେ ୩ ଉଇକେଟ ହରାଇ ୯୭ରନ କରିଥିଲା। ନିୟମଗିରି ୯ ଓଭରରେ ୪ ଉଇକେଟରେ ୯୮ରନ କରି ବିଜୟୀ ହୋଇଥିଲା। ନବନିର୍ବାଚିତ ଲାଞ୍ଜିଗଡ଼ ଜିଲା ପରିଷଦ ଜୋନ-୨ର ସଭ୍ୟ ପରୀକ୍ଷିତ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି କର୍ମୀ ସୁବାଷ ଚନ୍ଦ୍ର ଅଗ୍ରୱାଲ, ପାତ୍ର ମାଝି, ଶତ୍ରୁଘ୍ନ ଚଲାଣ, ତ୍ରିଲୋଚନପୁର ପଞ୍ଚାୟତ ବିଜେଡି ସଭାପତି ତରଣୀସେନ ବାଗ, କ୍ଷମାନିଧି ମହାଖୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ବିକ୍ରମ ପଟେଲ ଓ ମଧୁସୁଦନ ମାଝି ଖେଳ ପରିଚାଳନା କରିଥିବାବେଳେ ପଦ୍ମନ ବାଗ ସ୍କୋରବୋର୍ଡ ଓ ପାତ୍ର ମାଝି ଧାରାବିବାରଣୀ ଦେଇଥିଲେ। ସଂଘର ସମସ୍ତ କର୍ମକର୍ତ୍ତା ଖେଳରେ ସହଯୋଗ କରିଥିଲେ। ଟୁର୍ନାମେଣ୍ଟରେ ୨୦ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଆସନ୍ତା ମାର୍ଚ୍ଚ ୧୯ ତାରିଖରେ ଅନୁଷ୍ଠିତ ହେବ ।

## ୪ ବର୍ଷ ପରେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ

**ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲା**

- ପାଟଣାଗଡ ଏଡିଜେ କୋର୍ଟରେ ହାଜର ହେଲେ ପୁଞ୍ଜିଲାଲ ମେହେର

ବଲାଙ୍ଗୀର ଅଫିସ,୯।୩

ବହୁଚର୍ଚ୍ଚିତ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ବୁଧବାର ପାଟଣାଗଡ ଏଡିଜେ କୋର୍ଟରେ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ଉପରେ ଚାର୍ଜଫ୍ରେମ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ୩୦୨, ୩୦୭, ୨୦୧ ଏବଂ ସେକ୍ସନ ୩/୪ ଏକ୍ସପ୍ଲୋସିଭ ଆକ୍ଟରେ ଚାର୍ଜଫ୍ରେମ୍ ହୋଇଛି। ଅଭିଯୁକ୍ତ ମେହେରଙ୍କ ବିରୋଧରେ କୋର୍ଟରେ ଦୀର୍ଘ ୪ ବର୍ଷ ପରେ ଚାର୍ଜଫ୍ରେମ୍ କରାଯାଇଛି। ଚାର୍ଜଫ୍ରେମ୍ ପାଇଁ ପୁଞ୍ଜିଲାଲଙ୍କୁ ବୁଧବାର ବଲାଙ୍ଗୀର ଜିଲା କାରାଗାରରୁ ପାଟଣାଗଡ ଏଡିଜେ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତଙ୍କ ଓକିଲ ଅନୁପସ୍ଥିତ ଥିଲେ। ଫଳରେ ଅଭିଯୁକ୍ତ ମେହେର ମୋବାଇଲରେ ତାଙ୍କ ଓକିଲଙ୍କ ସହ କଥାବାର୍ତ୍ତା କରାଇବାକୁ ଅନୁରୋଧ କରିଥିଲେ। ତେବେ ଅଭିଯୁକ୍ତଙ୍କ ଏଭଳି ଅନୁରୋଧକୁ ଏଡିଜେ ଖାରଜ କରିଦେଇଥିବା ଜଣାପଡିଛି। ଚାର୍ଜଫ୍ରେମ୍ ସମୟରେ ଅଭିଯୁକ୍ତଙ୍କ ବିରୋଧରେ ଅଣାଯାଇଥିବା ସମସ୍ତ ଅଭିଯୋଗକୁ ଅଭିଯୁକ୍ତ ମେହେର ଖଣ୍ଡନ କରିଥିବା ଜଣାପଡିଛି।

ପ୍ରକାଶ ଯେ, ୨୦୧୮ ମସିହା ୨୩ ଫେବୃୟାରୀରେ ପାଟଣାଗଡଠାରେ ପାର୍ସଲ ବୋମା ବିସ୍ଫୋରଣରେ ନବବିବାହିତ ସୌମ୍ୟଶେଖର ସାହୁ ଏବଂ ଜେଜେମାଙ୍କ ମୃତ୍ୟୁ ଘଟିଥିଲା। ସୌମ୍ୟଶେଖରଙ୍କ ନବବିବାହିତ ସ୍ତ୍ରୀ ରିମାରାଣୀ ସାହୁ ଗୁରୁତର ଆହତ ହୋଇଥିଲେ। ୟୁଟ୍ୟୁବ୍‌ରୁ ବୋମା ତିଆରି କରି ରାୟପୁର ଯାଇ କୋରିଅର ପାର୍ସଲରେ ଉକ୍ତ ବୋମାକୁ ସେଠାରୁ ସୌମ୍ୟଶେଖରଙ୍କ ଘରକୁ ପଠାଇଥିଲେ ପୁଞ୍ଜିଲାଲ। ବିବାହ ରିସେପସନ୍ ପରଦିନ ଉପହାର ପାର୍ସଲ ଖୋଲିବା ସମୟରେ ଏହି ବୋମା ବିସ୍ଫୋରଣ ହୋଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ଘଟଣାର ତଦନ୍ତ କରାଯାଇ ଭଇଁଷା କଲେଜ ଇଂଲିଶ ଅଧାପକ ପୁଞ୍ଜିଲାଲ ମେହେରଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରାଯାଇଥିଲା।


ଅଭିଯୁକ୍ତ ପୁଞ୍ଜିଲାଲ ମେହେର

## ମହିଳାଙ୍କ ଉନ୍ନତିରେ ସହାୟକ ହେବ ଲୋକାଭିମୁଖୀ ଯୋଜନା

ସୋନପୁର, ୯।୩(ନି.ପ୍ର.)

ନାବାର୍ଡ ଓ କୃଷି ବିଜ୍ଞାନ କେନ୍ଦ୍ର ସୋନପୁରର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା କିରଣବାଳା ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରର ଗୃହ ବିଜ୍ଞାନୀ ଲୋପାମୁଦ୍ରା ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଡ. ଜୀବନଜିତ ସେନ୍ ସରକାରଙ୍କ ଲୋକାଭିମୁଖୀ ଯୋଜନା ମହିଳାମାନଙ୍କର ଉନ୍ନତି ଦିଗରେ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାଣୀ ଚିକିତ୍ସକ ଡାକ୍ତର ସିପ୍ରାରାଣୀ ମହାପାତ୍ର ଯୋଗଦେଇ ପଶୁପାଳନରେ ମହିଳାମାନଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଯାଲୋଏର ଶାଖା ପ୍ରବନ୍ଧକ ଲକ୍ଷ୍ମିପ୍ରିୟା ସାହୁ, ମହାଦେପାଲି ଶାଖା ପ୍ରବନ୍ଧକ ସନ୍ତୋଷିନୀ ମିଶ୍ର ଓ କୃଷି ବିଜ୍ଞାନ କେନ୍ଦ୍ରର ସମ୍ପ୍ରସାରଣ ବୈଜ୍ଞାନିକା ସୁପ୍ରଭା ସେଠୀ ପ୍ରମୁଖ ଯୋଗଦେଇଥିଲେ। ଲିଡ୍‌ବ୍ୟାଙ୍କ ମ୍ୟାନେଜର ସରୋଜ କୁମାର ଦାଶ, ଜିଲା ଶିଳ୍ପକେନ୍ଦ୍ର ମୁଖ୍ୟ ପରିଚାଳକ ବଳଭଦ୍ର ନାଏକ, ଜିଲା ମୁଖ୍ୟ କୃଷି ନିର୍ଦ୍ଦେଶକ ପ୍ରମିଳ କୁମାର ସ୍ୱାଇଁ, ସୋର ସ୍ୱେଚ୍ଛାସେବୀ ଅନୁଷ୍ଠାନର ରାଜୀବ ଲୋଚନ ଗୁରୁ ପ୍ରମୁଖ ଯୋଗଦେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାସଭ୍ୟ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ। ନାବାର୍ଡର ଜିଲା ପ୍ରବନ୍ଧକ ତାପସ ଶଙ୍କର ରାଉତ ଅଭିଭାଷଣରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା ଇ-ଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଅନ୍ତର୍ଜାତୀୟ ମହିଳା ଦିବସ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। କେନ୍ଦ୍ର ସଂଯୋଜିକା ମଞ୍ଜୁଳା ମିଶ୍ର ସଭାରେ ଅଧକ୍ଷତା କରିଥିଲେ।

## ଜିଲାସ୍ତରୀୟ ରୋଲ ପ୍ଲେ, ଲୋକନୃତ୍ୟ ପ୍ରତିଯୋଗିତା


ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ନୂଆପଡ଼ା ଅଫିସ,୯।୩

ଟିଇ ଏବଂ ସ୍ମାର୍ଟ ଓଡ଼ିଶା ଭୁବନେଶ୍ୱର ଓ ନୂଆପଡ଼ା ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ରୋଲ ପ୍ଲେ ଏବଂ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୬ଟି ବିଦ୍ୟାଳୟରୁ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବା ବେଳେ ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱନୀ କୁମାର ଭୋଇ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ତଥା ନିୟମ ଅବଗତ କରାଇଥିଲେ। ଲୋକନୃତ୍ୟରେ ୧୪ଟି ଦଳ ଓ ରୋଲ ପ୍ଲେରେ ୧୨ଟି ଦଳ ଭାଗ ନେଇଥିଲେ। ଅମିୟ କୁମାର ଦାସ, ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ହୋତା, ରାମେଶ୍ୱର ଦାସ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ରୋଲ ପ୍ଲେ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଝଗ୍ରାହୀ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ କଲ୍ୟାଣପୁର ଦ୍ୱିତୀୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖଡିଆଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଲୋକନୃତ୍ୟ ପ୍ରତିଯୋଗିତାରେ ସରକାରୀ ଉଚ୍ଚ ବିଦ୍ୟାଳୟ ଆମାନାରା ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ ମେଣ୍ଡାଟାଲ ଦ୍ୱିତୀୟ ଓ ଜୟ କିଷାନ ଉଚ୍ଚ ବିଦ୍ୟାଳୟ ବରଗାଁ ତୃତୀୟ ସ୍ଥାନ ଅଧିକାର କରିଛି। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଫୁଲମଣୀ ମୁର୍ମୁ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କିଶୋର କୁମାର ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଦୀପ କୁମାର ଭୋଇ, ଫାଲଗୁନୀ ସାହୁ,ସୁରେଶ କୁମାର ପରିଡା, ଚୈତନ୍ୟ ଶଗରିଆ, ସୁକେଶ କୁମାର ଭୋଇ ବିଭିନ୍ନ ଦାୟିତ୍ୱରେ ଥିବା ବେଳେ ଲେଖରାମ ଦଣ୍ଡସେନା, ନାରାୟଣ ନାୟକ, ଦୀପକ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

DSPL-419

ବିଶ୍ୱ ଗ୍ଲୁକୋମା (କଳାମୋତିଆ) ସପ୍ତାହ
୬ -୧୨ ମାର୍ଚ୍ଚ,୨୦୨୨

ଗ୍ଲୁକୋମା(କଳାମୋତିଆ)ର ନିୟନ୍ତ୍ରଣ ଓ ସଚେତନତା ପାଇଁ ପ୍ରତି ବର୍ଷ "ବିଶ୍ୱ ଗ୍ଲୁକୋମା ସପ୍ତାହ" ପାଳନ କରାଯାଉଅଛି । ଉପଯୁକ୍ତ ସଚେତନତା ଓ ଡାକ୍ତରୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ ।

"ସୁନ୍ଦର ବିଶ୍ୱକୁ ଦେଖିବା ତେବେ, ଦୃଷ୍ଟି ସୁରକ୍ଷିତ ରହିବ ଯେବେ"

- କଳାମୋତିଆ ବା ଗ୍ଲୁକୋମାରେ ଆକ୍ରାନ୍ତ ହେଲେ ଆଖି ଭିତରର ସ୍ନାୟୁଗୁଡିକ ନଷ୍ଟ ହୋଇ ରୋଗୀ ସବୁଦିନ ପାଇଁ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଇଥାଏ ।
- ଏଥିରେ ଆରମ୍ଭରୁ ପ୍ରାୟ କିଛି ଲକ୍ଷଣ ଦେଖାଯାଇନଥାଏ । ତେବେ କେତେକ କ୍ଷେତ୍ରରେ ବଲବ୍ ଚାରିପଟେ ରଙ୍ଗୀନ ଗୋଲ ଦେଖାଯିବା, ଆଖିରେ ଯନ୍ତ୍ରଣା ବା ମୁଣ୍ଡବିନ୍ଧିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ ।
- ସାଧାରଣତଃ ୪୦ ବର୍ଷ ବା ତଦୁର୍ଦ୍ଧ୍ୱ ଲୋକମାନଙ୍କୁ (ବିଶେଷ କରି ଯାହାଙ୍କ ପରିବାରରେ କଳାମୋତିଆ ରୋଗ ଥିବାର ପ୍ରମାଣ ଥିବ) ବା ଯେଉଁମାନେ ଡାଇବେଟିସ୍, ରକ୍ତଚାପ ଆଦି ରୋଗରେ ପୀଡିତ ଥିବେ ସେମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ ।
- ୪୦ ବର୍ଷ ବା ତଦୁର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତି କଳାମୋତିଆ ପାଇଁ ଚକ୍ଷୁପରୀକ୍ଷା ନିଶ୍ଚୟ କରାଇ ନିଅନ୍ତୁ ଓ ଆବଶ୍ୟକ ସ୍ଥଳେ ନିୟମିତ ଚିକିତ୍ସାରେ ରୁହନ୍ତୁ ।
- କଳା ମୋତିଆର ଚିହ୍ନଟ ସରକାରୀ ଚକ୍ଷୁଚିକିତ୍ସା କେନ୍ଦ୍ରମାନଙ୍କରେ ଉପଲବ୍ଧ ।

ସଠିକ୍ ଚିହ୍ନଟ, ସଠିକ୍ ଉପଚାର, କଳାମୋତିଆକୁ ନଥିବ ଡର ।

ସର୍ବଦା କରୋନା ସମ୍ବନ୍ଧୀୟ ସତର୍କତା ନିଶ୍ଚୟ ପାଳନ କରନ୍ତୁ
ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ ।

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
OIPR-10003/13/0151/2122

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୦ ମାର୍ଚ୍ଚ, ୨୦୨୨



## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସମଗ୍ର ଶିକ୍ଷା ଯୋଜନା ତରଫରୁ ଆୟୋଜିତ ଏହି ଶିବିର ଆସନ୍ତା ୧୭ ତାରିଖ ଯାଏ ଚାଲିବ। ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦେହୁରୀ ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଖେଳ ଶିକ୍ଷକ ମଞ୍ଜୁବାଳା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀ ପ୍ରତିଭା ଭୋଇ ଓ ଟେଭାପଦର ଯୁଜିଏମଇ ସ୍କୁଲର ଖେଳ ଶିକ୍ଷୟିତ୍ରୀ ସରୋଜିନୀ ରଣା ପ୍ରଶିକ୍ଷକ ଭାବେ ଯୋଗ ଦେଇଛନ୍ତି ।

## ସଂକ୍ଷେପରେ

### ୟୁକ୍ରେନ୍‌ରୁ ଫେରିଲେ ଡାକ୍ତରୀ ଛାତ୍ରୀ ମାଣ୍ଡା ଜ୍ୟୋତିଶ୍ବରୀ

ଜାମଟିକ୍ରା,୯।୩(ଡି.ଏନ.ଏ.): ୟୁକ୍ରେନରେ ଫସି ରହିଥିବା ବାରଗଡ ଜିଲା ଅତାବିରା ବ୍ଲକ ରେଙ୍ଗାଲିକେମ୍ପର ଝିଅ ମାଣ୍ଡା ଜ୍ୟୋତିଶ୍ବରୀ ବୁଧବାର ଅପରାହ୍ଣରେ ନିଜ ଘରକୁ ଫେରିଛନ୍ତି। ସେ ୟୁକ୍ରେନରେ ଗତ ୨ ବର୍ଷ ହେଲା ଡାକ୍ତରୀ ପଢୁଥିଲେ। ରୁଷିଆର ୟୁକ୍ରେନ ଆକ୍ରମଣଜନିତ ଯୁଦ୍ଧ ସମୟରେ ସେ କିଭଳି ସହପାଠୀଙ୍କ ସହ ଗୋଟିଏ ସ୍ଥାନରେ ଭୋକ ଉପାସରେ ରହୁଥିଲେ ତାହା ବଖାଣିଛନ୍ତି। ସେ ଗତ ରବିବାର ରୋମାନିଆ ସୀମାରେ ପହଞ୍ଚିବା ଥିଲେ। ସେଠାରୁ ଏକ ସ୍ୱତନ୍ତ୍ର ବିମାନରେ ଅନ୍ୟ ଭାରତୀୟଙ୍କ ସହିତ ନୂଆଦିଲ୍ଲୀ ପହଞ୍ଚି ଥିଲେ ଜ୍ୟୋତିଶ୍ବରୀ । ସେଠାରୁ ଝାରସୁଗୁଡା ବିମାନବନ୍ଦରରେ ବୁଧବାର ଅପରାହ୍ଣ ୨ଟାରେ ଓହ୍ଲାଇ ସନ୍ଧ୍ୟା ପ୍ରାୟ ୫ଟାରେ ରେଙ୍ଗାଲିକେମ୍ପରେ ପହଞ୍ଚିଥିଲେ । ବାପା ମାଣ୍ଡା ପି.ସୁବ୍ରମଣିଅମ, ମା ନିର୍ମଳା ଦେବୀଙ୍କ ସହିତ ପରିବାରର ଅନ୍ୟ ସଦସ୍ୟମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ଜଣାଇଥିଲେ ।

### କାର ଧକ୍କାରେ ଜଣେ ମୃତ, ରାସ୍ତାରୋକୋ

ବରପାଲି,୯।୩(ଡି.ଏନ.ଏ): ବରଗଡ଼-ବରପାଲି ରାସ୍ତାର କୁସନପୁରୀ ନିକଟରେ ବୁଧବାର କାର ଧକ୍କାରେ ରାସ୍ତା ପାର୍ ହେଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁସନପୁରୀ ଗ୍ରାମର ଗଣେଶ ସାହୁ(୫୫)। ଦୁର୍ଘଟଣା ପରେ କ୍ଷତିପୂରଣ ଦାବି କରି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ପୋଲିସ ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା। ଏହାପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲା । ପ୍ରକାଶ ଯେ, ଗଣେଶ କୌଣସି କାମରେ ବାହାରକୁ ଆସି ରାସ୍ତା ପାର ହେବା ସମୟରେ ଏକ କାର୍(ନଂ-ଓଡ଼ି୧୭ୱାଇ ୧୫୧୭) ତାଙ୍କୁ ଧକ୍କା ଦେଇଥିଲା। ପୋଲିସ କାର୍‌କୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଛି ।

### ଅବସରପ୍ରାପ୍ତ ଶିକ୍ଷକ ସଂଘର ପ୍ରାନ୍ତୀୟ ବୈଠକ

ଅମରପାଲି,୯।୩(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡସ୍ତରୀୟ ଅବସରପ୍ରାପ୍ତ ଶିକ୍ଷକ ସଂଘର ଏକ ବୈଠକ ଗୋଧନେଶ୍ୱର ଶିବମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ସଭାପତି ବାଳଗୋପାଳ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ମିଶ୍ର ମୁଖ୍ୟଅତିଥି, ପୂର୍ବତନ କଲେଜ ଅଧ୍ୟକ୍ଷ ଡ.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟବକ୍ତା, ଯୋଗାଚାର୍ଯ୍ୟ ଗୋରେଖନାଥ ସାହୁ ଓ ଶିକ୍ଷାବିତ୍ ବ୍ରଜମୋହନ ଦାନୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ପ୍ରଦୀପ ପୁରୋହିତ ସ୍ୱାଗତ ଜଣାଇ ଥିବା ବେଳେ ବେଣୀମାଧବ ମହାପାତ୍ର, କୃଷ୍ଣଚନ୍ଦ୍ର ପାଢ଼ୀ, ଭୂଷଣ ପାତ୍ର, ଯଜ୍ଞେଶର ପୂଜାରୀ, ଜିଲା କୃଷକ ସଂଗଠନ ସଭାପତି ବୈକୁଣ୍ଠନାଥ ଶତପଥୀ ଶିକ୍ଷା ଓ ଶିକ୍ଷକର ଉନ୍ନତି ସକାଶେ ନିଜର ମତ ରଖିଥିଲେ। ଶେଷରେ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ବୈଠକ ସୋନପୁର ଯୋଗ ବିହାରଠାରେ ବସିବା ପାଇଁ ସ୍ଥିର କରାଯାଇଛି ।

### ବାଲି ଚାଲାଣ ବେଳେ ଧରପଗଡ଼କୁ ବିରୋଧ କଲେ ଟ୍ରାକ୍ଟର ମାଲିକ ସଂଘ

ବୌଦ୍ଧ,୯।୩ (ସ୍ବ.ପ୍ର.): ବୌଦ୍ଧ ଜିଲାରେ ମହାନଦୀରୁ ବାଲି ଉଠାଣ ନେଇ ପ୍ରଶାସନ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଉଛି । ଟେଣ୍ଡର ଆହ୍ୱାନ ପରେ ଟେଣ୍ଡର ଗ୍ରହିତାଙ୍କୁ ବାଲିଘାଟ ନିଲାମ ଦିଆଯାଉଛି। କିନ୍ତୁ ଟେଣ୍ଡର ନେଇଥିବା ଠିକାଦାରମାନେ ବାଲି ଦେବା ସମୟରେ କୌଣସି ରସିଦ ଦେଉ ନାହାନ୍ତି । ଫଳରେ ବାଲି ଆଣିବା ସମୟରେ ବହୁ ସମୟରେ ପ୍ରଶାସନ ଦ୍ୱାରା ଧରାପଡି ଚୋରା ବାଲି ଚାଲାଣ ଅଭିଯୋଗରେ ଗାଡି ମାଲିକଙ୍କୁ ଜରିମାନା ଦେବାକୁ ପଡୁଛି । ଏନେଇ ବୁଧବାର ବୌଦ୍ଧ ଜିଲାର ଟ୍ରାକ୍ଟର ମାଲିକ ସଂଘ ବାଲିଘାଟ ନିଲାମ ନେଇଥିବା ଠିକାଦାରଙ୍କ ବିରୋଧରେ ବୌଦ୍ଧ ତହସିଲଦାରଙ୍କ ପାଖରେ ଫେରାଦ ହୋଇଥିବା ଜଣାପଡିଛି। ମାଲିକଙ୍କ ଅଭିଯୋଗ ଅନୁଯାୟୀ, ଟଙ୍କା ଦେଇ ମହାନଦୀରୁ ବାଲି ଆଣୁଛୁ । ମାତ୍ର ବାଲି ଦେବା ସମୟରେ ବାଲିଘାଟ ଠିକାଦାର କୌଣସି ରସିଦ ଦେଉନାହାନ୍ତି । ଫଳରେ ବାଲି ନେବା ସମୟରେ ପ୍ରଶାସନ ପକ୍ଷରୁ ଚୋରା ବାଲି କହି ମୋଟା ଅଙ୍କର ଜରିମାନା କରାଯାଉଛି । ଏଣୁ ଏହାର ତଦନ୍ତ କରି ପଦକ୍ଷେପ ନେବା ସହ ବାଲି ଉଠାଣ ସମୟରେ ରସିଦ ଦେବାକୁ ଦାବି କରିଥିଲେ ।

# ଆଦର୍ଶ ଆଚାର ସଂହିତା ପାଳନ ପାଇଁ ପର୍ଯ୍ୟବେକ୍ଷକଙ୍କ ଗୁରୁତ୍ୱ

ସୋନପୁର,୯।୩(ନି. ପ୍ର.)


ବୈଠକରେ ଉପସ୍ଥିତ ପର୍ଯ୍ୟବେକ୍ଷକ ଓ ଅଧିକାରୀ ବୃନ୍ଦ ।

ଆସନ୍ତା ୨୪ ତାରିଖରେ ପୌର ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଉଦ୍ୟମ କରୁଛି। ଏଥିନିମନ୍ତେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ନିର୍ବାଚନ ଆଦର୍ଶ ଆଚାର ସଂହିତାର କାର୍ଯ୍ୟକାରୀ ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧ୍ୟକ୍ଷତା କରି ଜିଲା ପାଇଁ ନିଯୁକ୍ତ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ଲକ୍ଷ୍ମଣ କୁମାର ମଲ୍ଲିକ ପୌର ନିର୍ବାଚନର ସୁପରିଚାଳନା ପାଇଁ ସମସ୍ତ ଦଳର ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ତଥା ନିର୍ବାଚନ ପାଇଁ ନୋଡାଲ ଅଧିକାରୀ ନିଶି ପୁନମ ମିଞ୍ଜ ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସୁବର୍ଣ୍ଣପୁର ପୌର ପରିଷଦର ୧୫ଟି ୱାର୍ଡ ପାଇଁ ୨୧ଟି ବୁଥ ୧୧୫ ଜଣ ପୋଲିଂ ଅଧିକାରୀ, ବିନିକାର ୧୨ଟି ୱାର୍ଡ ପାଇଁ ୧୫ଟି ବୁଥ ୮୫ ଜଣ ପୋଲିଂ ଅଧିକାରୀ ଏବଂ ତରଭାର ୧୨ଟି ୱାର୍ଡ ପାଇଁ ୧୨ଟି ବୁଥ ଓ ୭୦ ଜଣ ପୋଲିଂ ଅଧିକାରୀ ନିୟୋଜିତ ହେବେ। ବିଭିନ୍ନ ରାଜନୈତିକ ଦଳ, ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ଦାୟିତ୍ୱ ତଥା ଆଚାର ସଂହିତା ପାଳନ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ପିଡି ଡିଆରଡିଏ ଡୋଳାମଣି ପଟେଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢ଼ୀ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବିନିକା ତହସିଲଦାର ମୁକ୍ତେଶର ପାଣିଗ୍ରାହୀ ଯୋଗଦେଇ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପଞ୍ଚାୟତ ଅଧିକାରୀ ଅମୂଲ୍ୟ କୁମାର ନନ୍ଦ, କଲ୍ୟାଣ ଅଧିକାରୀ ପାଲାକା ରବିନ୍ଦ୍ର, ପୌର ନିର୍ବାଚନ ପାଇଁ ସତନ୍ତ୍ର ଅଧିକାରୀ ସୂର୍ଯ୍ୟମଣି ଭୋଇ , ଅଶ୍ୱିନୀ କୁମାର ଭୋଇ, ଭାରତୀୟ ଜାତୀୟ କଂଗ୍ରେସର ଗୌରୀଶ୍ୟାମ ପଣ୍ଡା, ବିଜୁ ଜନତା ଦଳର କଇଁରୁ ସ୍ୱାଇଁ, ଭାଜପାର ପ୍ରମୋଦ ମହାପାତ୍ର, ଏସୟୁସିଆଇର ଗୋବିନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ଦେଇଥିଲେ ।

## ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ

### ସଭାପତି, ଉପସଭାପତି ଓ ସାଧାରଣ ସମ୍ପାଦକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ସୋନପୁର,୯।୩(ନି.ପ୍ର.)

୨୦୨୨-୨୩ ବର୍ଷ ପାଇଁ ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ପଦବୀ ପାଇଁ ଗତ ୫ରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲର ଅବଧି ଥିଲା। ବୁଧବାର ପ୍ରାର୍ଥୀପତ୍ରଗୁଡିକ ଯାଞ୍ଚ କରାଯାଇଛି। ନିର୍ବାଚନ ଫଳାଫଳ ଆସନ୍ତା ୨୬ ତାରିଖରେ ବିଧିବଦ୍ଧ ଭାବେ ଘୋଷଣା କରାଯିବ। ତେବେ ମିଳିଥିବା ସୂଚନା ଅନୁଯାୟୀ ସଭାପତି, ଉପସଭାପତି ଓ ସାଧାରଣ ସମ୍ପାଦକ ପଦବୀ ପାଇଁ ଜଣେ ଲେଖାଏ ସଦସ୍ୟ ନିର୍ବାଚନ ମଇଦାନରେ ଅଛନ୍ତି। ତେଣୁ ସଭାପତି ଭାବେ ବିଧାନ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ରବୀନ୍ଦ୍ର କୁମ୍ଭାର ଓ ସାଧାରଣ ସମ୍ପାଦକ ଭାବେ ଗଦାଧର ନେଗୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ସାହୁ ଏହି ନିର୍ବାଚନ ପରିଚାଳନା କରୁଛନ୍ତି।

# ନିର୍ବାଚନ ଆଚରଣ ବିଧି କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱ

ବୌଦ୍ଧ,୯।୩(ସ୍ବ.ପ୍ର.)

### ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ବୈଠକ

ବୌଦ୍ଧ ଜିଲାର ଏକମାତ୍ର ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ହେବାକୁ ଥିବା ନିର୍ବାଚନରେ ନିର୍ବାଚନ ଆଚରଣ ବିଧି କଡାକଡି ପାଳନ କରାଯିବାକୁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଏକ ବୈଠକ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକ ଲକ୍ଷ୍ମଣ ମଲ୍ଲିକ ନିର୍ବାଚନ ଆଚରଣ ବିଧି ପାଳନ ନେଇ ରାଜନୈତିକ ଦଳଗୁଡିକୁ ନିବେଦନ କରିଛନ୍ତି। ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଜ୍ଞାପିତ ଅଞ୍ଚଳ ପାଇଁ ନିର୍ବାଚନ ଅଧିକାରୀ ଭାବରେ ନିୟୋଜିତ ବୌଦ୍ଧ ତହସିଲଦାର ଅବିନାଶ ପାଣ୍ଡିଆ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଆୟୋଜନ ପାଇଁ ହୋଇଥିବା ପ୍ରସ୍ତୁତି ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥର ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନରେ ୧୫୭୧୦ ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବାକୁ ତାଲିକାଭୁକ୍ତ ହୋଇଥିବା ବେଳେ ୧୭ ଗୋଟି ୱାର୍ଡ ପାଇଁ ୧୭ ଗୋଟି ବୁଥ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୌଦ୍ଧ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟଠାରେ ଦୁଇଟି ଆଦର୍ଶ ବୁଥ ଭାବରେ କେବଳ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳନା କରାଯିବ। ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ ଦ୍ୱାରା ମତଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ ମତଦାତା ପ୍ରଥମେ ଅଧ୍ୟକ୍ଷ ପଦବୀ ଏବଂ ତାପରେ ୱାର୍ଡ ସଭ୍ୟ ପାଇଁ ମତଦାନ କରିବେ। ପ୍ରତ୍ୟେକ ବୁଥରେ ସିସି ଟିଭି ଲଗାଯିବା ସହିତ ଭିଡିଓ ସୁଟିଂ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତ୍ୟେକ ବୁଥରେ ପାନୀୟ ଜଳ, ଭିନ୍ନକ୍ଷମ ଓ ବୃଦ୍ଧାବୃଦ୍ଧଙ୍କ ପାଇଁ ହ୍ୱିଲ ଚେୟାର ଓ ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ସହରରେ ୫ ଓ ୧୧ ଦୁଇଟି ବୁଥକୁ ସମ୍ବେଦନଶୀଳ ବୁଥ ଭାବରେ ଚିହ୍ନଟ କରାଯାଇ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଭାଜପା ପକ୍ଷରୁ ୧୧,୧୩ ଓ ୧୪ ନମ୍ବର ବୁଥକୁ ସମ୍ବେଦନଶୀଳ ଘୋଷଣା କରାଯିବାକୁ ବୈଠକରେ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ଜିଲାପାଳ ମିଶ୍ର ପୂର୍ବ ନିର୍ବାଚନର ଇତିହାସକୁ ନେଇ ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଥିବାରୁ ସଂପୃକ୍ତ ବୁଥଗୁଡିକରେ କୌଣସି ଆବଶ୍ୟକତା ନ ଥିବା ପ୍ରକାଶ କରିଥିଲେ। ତେବେ ନିର୍ବାଚନରେ କୌଣସି ସମସ୍ୟା ଦେଖାଗଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଉପଜିଲାପାଳ ସନତ କୁମାର ନାଏକ, ଡିଏସପି ସାଲେଷ୍ଟିନ ଟିଗା, ଜିଲା ଭାଜପା ସଭାପତିବିପ୍ରଚରଣ ମହାନ୍ତି, ଜିଲା ବିଜେଡି ସଂପାଦକ ଶିତାଂଶୁ ଶେଖର ମହାକୁଲ ଓ ଜିଲା କଂଗ୍ରେସର ଉପସଭାପତି ସମରେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୁଞ୍ଜିଲାଲଙ୍କ ବିରୋଧରେ ଚାର୍ଜଫ୍ରେମ

ବଲାଙ୍ଗୀର ଅଫିସ,୯।୩


ଅଭିଯୁକ୍ତ ପୁଞ୍ଜିଲାଲ ମେହେର

### ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲା

ବହୁଚର୍ଚ୍ଚିତ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ବୁଧବାର ପାଟଣାଗଡ ଏଡିଜେ କୋର୍ଟରେ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ବିରୋଧରେ ଚାର୍ଜଫ୍ରେମ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ୩୦୨, ୩୦୭, ୨୦୧ ଏବଂ ସେକ୍ସନ ୩/୪ ଏକ୍ସପ୍ଲୋସିଭ ଆକ୍ଟରେ ଦୀର୍ଘ ୪ବର୍ଷ ପରେ ଚାର୍ଜଫ୍ରେମ୍ ହୋଇଛି। ଚାର୍ଜଫ୍ରେମ୍ ପାଇଁ ପୁଞ୍ଜିଲାଲଙ୍କୁ ବୁଧବାର ବଲାଙ୍ଗୀର ଜିଲା କାରାଗାରରୁ ପାଟଣାଗଡ ଏଡିଜେ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତଙ୍କ ଓକିଲ କୋର୍ଟରେ ଅନୁପସ୍ଥିତ ଥିଲେ। ଓକିଲଙ୍କ ସହ ମୋବାଇଲରେ କଥାବାର୍ତ୍ତା କରାଇବାକୁ ଅଭିଯୁକ୍ତ କରିଥିବା ଅନୁରୋଧକୁ ଏଡିଜେ ଖାରଜ କରିଦେଇଥିଲେ। ଚାର୍ଜଫ୍ରେମ୍ ସମୟରେ ଅଣାଯାଇଥିବା ସମସ୍ତ ଅଭିଯୋଗକୁ ଅଭିଯୁକ୍ତ ମେହେର ଖଣ୍ଡନ କରିଥିବା ଜଣାପଡିଛି।

ପ୍ରକାଶ ଯେ, ୨୦୧୮ ମସିହା ୨୩ ଫେବୃୟାରୀରେ ପାଟଣାଗଡଠାରେ ପାର୍ସଲ ବୋମା ବିସ୍ଫୋରଣରେ ନବବିବାହିତ ସୌମ୍ୟଶେଖର ସାହୁ ଏବଂ ଜେଜେମାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସୌମ୍ୟଶେଖରଙ୍କ ନବବିବାହିତ ସ୍ତ୍ରୀ ରିମାରାଣୀ ସାହୁ ଗୁରୁତର ଆହତ ହୋଇଥିଲେ। ୟୁଟ୍ୟୁବ୍‌ରୁ ବୋମା ତିଆରି କରି ରାୟପୁର ଯାଇ କୋରିଅର ପାର୍ସଲରେ ଉକ୍ତ ବୋମାକୁ ସେଠାରୁ ସୌମ୍ୟଶେଖରଙ୍କ ଘରକୁ ପଠାଇଥିଲେ ପୁଞ୍ଜିଲାଲ। ବିବାହ ରିସେପସନ୍ ପରଦିନ ଉପହାର ପାର୍ସଲ ଖୋଲିବା ସମୟରେ ଏହି ବୋମା ବିସ୍ଫୋରଣ ହୋଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ଘଟଣାର ତଦନ୍ତ କରାଯାଇ ଭଇଁଷା କଲେଜ ଇଂଲିଶ ଅଧାପକ ପୁଞ୍ଜିଲାଲ ମେହେରଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରାଯାଇଥିଲା।

## ୧୯ ଉଚ୍ଚ ବିଦ୍ୟାଳୟକୁ ମିଳିଲା ଜମିପଟ୍ଟା

ନୂଆପଡ଼ା ଅଫିସ,୯।୩

ନୂଆପଡା ଜିଲାରେ ଅଧିକାଂଶ ବିଦ୍ୟାଳୟର ନିଜସ୍ୱ ଜାଗା ଓ ବିଦ୍ୟାଳୟ ପରିସରରେ ଥିବା ସରକାରୀ ଜାଗାକୁ ଜିଲା ପ୍ରଶାସନ ପକ୍ଷରୁ ପଦେକ୍ଷପ ନେଇ ୧୯ଟି ଉଚ୍ଚ ବିଦ୍ୟାଳୟକୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜମିପଟ୍ଟା ବଣ୍ଟନ କରାଯାଇଛି। ଜମିପଟ୍ଟା ସ୍କୁଲ ଓ ଗଣ ଶିକ୍ଷା ବିଭାଗ ଓଡ଼ିଶା ସରକାର ମାର୍ଫତ ସରକାରୀ ବିଦ୍ୟାଳୟ ନାମରେ ନାମିତ ହୋଇଛି। ଏହି ଅବସରରେ ଜିଲାପାଳ ସ୍ୱାଧାଦେବ ସିଂ, ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ଫୁଲମଣୀ ମୁର୍ମୁ, ସହଶିକ୍ଷା ଅଧିକାରୀ ହିମାଂଶୁ ଶେଖର ମିଶ୍ର ଉପସ୍ଥିତ ରହିଥିଲେ। ସୂଚନାନୁସାରେ ଜିଲାର ୯୬ଟି ଉଚ୍ଚ ବିଦ୍ୟାଳୟ ଆବେଦନ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୯ଟି ବିଦ୍ୟାଳୟକୁ ପଟ୍ଟା ପ୍ରଦାନ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୭୭ ବିଦ୍ୟାଳୟକୁ ପଟ୍ଟା ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ମହିଳାଙ୍କ ଉନ୍ନତିରେ ସହାୟକ ହେବ ଲୋକାଭିମୁଖୀ ଯୋଜନା

ସୋନପୁର, ୯।୩(ନି.ପ୍ର.)

ନାବାର୍ଡ ଓ କୃଷି ବିଜ୍ଞାନ କେନ୍ଦ୍ର ସୋନପୁରର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା କିରଣବାଳା ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରର ଗୃହ ବିଜ୍ଞାନୀ ଲୋପାମୁଦ୍ରା ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଡ. ଜୀବନଜିତ ସେନ୍ ସରକାରଙ୍କ ଲୋକାଭିମୁଖୀ ଯୋଜନା ମହିଳାମାନଙ୍କର ଉନ୍ନତି ଦିଗରେ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାଣୀ ଚିକିତ୍ସକ ଡାକ୍ତର ସିପ୍ରାରାଣୀ ମହାପାତ୍ର ଯୋଗଦେଇ ପଶୁପାଳନରେ ମହିଳାମାନଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଯାଲୋଏର ଶାଖା ପ୍ରବନ୍ଧକ ଲକ୍ଷ୍ମିପ୍ରିୟା ସାହୁ, ମହାଦେପାଲି ଶାଖା ପ୍ରବନ୍ଧକ ସନ୍ତୋଷିନୀ ମିଶ୍ର ଓ କୃଷି ବିଜ୍ଞାନ କେନ୍ଦ୍ରର ସମ୍ପ୍ରସାରଣ ବୈଜ୍ଞାନିକା ସୁପ୍ରଭା ସେଠୀ ପ୍ରମୁଖ ଯୋଗଦେଇଥିଲେ। ଲିଡ୍‌ବ୍ୟାଙ୍କ ମ୍ୟାନେଜର ସରୋଜ କୁମାର ଦାଶ, ଜିଲା ଶିଳ୍ପକେନ୍ଦ୍ର ମୁଖ୍ୟ ପରିଚାଳକ ବଳଭଦ୍ର ନାଏକ, ଜିଲା ମୁଖ୍ୟ କୃଷି ନିର୍ଦ୍ଦେଶକ ପ୍ରମିଳ କୁମାର ସ୍ୱାଇଁ, ସୋର ସ୍ୱେଚ୍ଛାସେବୀ ଅନୁଷ୍ଠାନର ରାଜୀବ ଲୋଚନ ଗୁରୁ ପ୍ରମୁଖ ଯୋଗଦେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାସଭ୍ୟ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ନାବାର୍ଡର ଜିଲା ପ୍ରବନ୍ଧକ ତାପସ ଶଙ୍କର ରାଉତ ଅଭିଭାଷଣରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା ଇ-ଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଅନ୍ତର୍ଜାତୀୟ ମହିଳା ଦିବସ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। କେନ୍ଦ୍ର ସଂଯୋଜିକା ମଞ୍ଜୁଳା ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ।

# ସ୍ପିନିଂ ମିଲ୍ କାର୍ଯ୍ୟକ୍ଷମ ଦାବିରେ ପଦଯାତ୍ରା


କୋସଳ ସେନା ପକ୍ଷରୁ ବାହାରିଥିବା ପଦଯାତ୍ରା।

ସୋନପୁର,୯।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ଏକମାତ୍ର ଶିଳ୍ପାନୁଷ୍ଠାନ ସୋନପୁର ସ୍ପିନିଂ ମିଲ୍ ବନ୍ଦ ହୋଇ ପଡିଛି। ଶତାଧିକ ଶ୍ରମିକ କାମ ନ ପାଇ ଅସୁବିଧା ଭୋଗୁଛନ୍ତି। ଏହି ସ୍ପିନିଂ ମିଲ୍‌କୁ କାର୍ଯ୍ୟକ୍ଷମ କରିବାକୁ କୋସଳ ସେନା କେନ୍ଦ୍ରୀୟ କମିଟି ଦାବି କରିଛି। ସେନାର କର୍ମକର୍ତ୍ତାମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପଦଯାତ୍ରା ଆରମ୍ଭ କରିଛନ୍ତି। କୋସଳ ସେନାର କେନ୍ଦ୍ରୀୟ କମିଟି ଆବାହକ ସୁଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ବୌଦ୍ଧ ଜିଲା ପ୍ରଭାରୀ ଶୋଭନ କର୍ଣ୍ଣ, ସେନାର କର୍ମକର୍ତ୍ତା ଶୁଭେନ୍ଦୁ ବିଶି ଓ କୁନା ବିଶି ଏହି ପଦଯାତ୍ରାରେ ସାମିଲ ହୋଇଛନ୍ତି। ସେନାର କର୍ମକର୍ତ୍ତାମାନେ ଜିଲାର ଡୁଙ୍ଗୁରିପାଲି ଜଗନ୍ନାଥ ମନ୍ଦିର ନିକଟରୁ ମଙ୍ଗଳବାର ସକାଳ ୯ଟାରୁ ପଦଯାତ୍ରା ଆରମ୍ଭ କରିଛନ୍ତି। ପଦଯାତ୍ରୀ ଦଳ ରାତିରେ ବିନିକାରେ ରହିଥିଲେ। ବୁଧବାର ସକାଳେ ବିନିକାରୁ ବାହାରି ପଦଯାତ୍ରୀ ଦଳ ଉଲୁଣ୍ଡା ଦେଇ ରାତିରେ ବୀରମହାରାଜପୁର ପହଞ୍ଚିଛନ୍ତି। ଗୁରୁବାର ସକାଳେ କୋସଲ ସେନାର କର୍ମକର୍ତ୍ତା ମାନେ ବୀରମହାରାଜପୁରରୁ ଜିଲା ସଦର ମହକୁମା ଅଭିମୁଖେ ଯାତ୍ରା କରିବେ ବୋଲି ଜଣାପଡିଛି। ଏହି ଯାତ୍ରା ସମୟରେ ସ୍ପିନିଂ ମିଲ୍ କାର୍ଯ୍ୟକ୍ଷମ ହେଲେ ଜିଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସମ୍ପର୍କରେ ପଦଯାତ୍ରୀ ଦଳ ଜନସଚେତନତା ସୃଷ୍ଟି କରୁଛନ୍ତି। କୋସଳ ସେନାର ଆବାହକ ସୁଶାନ୍ତ ମିଶ୍ର କୁହନ୍ତି, ରାଜ୍ୟ ସରକାର ସୋନପୁର ସ୍ପିନିଂ ମିଲ୍ ସମେତ ବରଗଡ ଓ ବଲାଙ୍ଗୀର ଜିଲା ଦେଓଗାଁ ଚିନିକଲକୁ ବନ୍ଦ କରିଛନ୍ତି । ଶିଳ୍ପାନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀ ଓ ଶ୍ରମିକ ନିଯୁକ୍ତି ହରାଇଛନ୍ତି। ହଜାର ହଜାର ଆଖୁ ଚାଷୀ ଓ କପା ଚାଷୀ କ୍ଷତି ସହୁଛନ୍ତି । ଅଞ୍ଚଳର ଯୁବତୀ ଯୁବକ ମାନେ ନିଯୁକ୍ତି ନ ପାଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କିନ୍ତୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନ ଦେଇ ପଶ୍ଚିମ ଓଡିଶା ପ୍ରତି ଅବହେଳା ପ୍ରଦର୍ଶନ କରୁଛନ୍ତି। ତେଣୁ ସଂଗଠନ ପକ୍ଷରୁ ସ୍ୱେଚ୍ଛାସେବୀ ମାନେ ୧୧୦ କିଲୋମିଟରରୁ ଊର୍ଦ୍ଧ୍ୱ ପଦଯାତ୍ରା କରି ଜନଜାଗରଣ ସୃଷ୍ଟି କରୁଛନ୍ତି। ଗୁରୁବାର ସୁବର୍ଣ୍ଣପୁର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଆବାହକ ମିଶ୍ର ସୂଚନା ଦେଇଛନ୍ତି।

DSPL-419

ବିଶ୍ୱ ଗ୍ଲୁକୋମା (କଳାମୋତିଆ) ସପ୍ତାହ
୬ -୧୨ ମାର୍ଚ୍ଚ,୨୦୨୨

ଗ୍ଲୁକୋମା(କଳାମୋତିଆ)ର ନିୟନ୍ତ୍ରଣ ଓ ସଚେତନତା ପାଇଁ ପ୍ରତି ବର୍ଷ "ବିଶ୍ୱ ଗ୍ଲୁକୋମା ସପ୍ତାହ" ପାଳନ କରାଯାଉଅଛି । ଉପଯୁକ୍ତ ସଚେତନତା ଓ ଡାକ୍ତରୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ ।

"ସୁନ୍ଦର ବିଶ୍ୱକୁ ଦେଖିବା ତେବେ, ଦୃଷ୍ଟି ସୁରକ୍ଷିତ ରହିବ ଯେବେ"

- କଳାମୋତିଆ ବା ଗ୍ଲୁକୋମାରେ ଆକ୍ରାନ୍ତ ହେଲେ ଆଖି ଭିତରର ସ୍ନାୟୁଗୁଡିକ ନଷ୍ଟ ହୋଇ ରୋଗୀ ସବୁଦିନ ପାଇଁ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଇଥାଏ ।
- ଏଥିରେ ଆରମ୍ଭରୁ ପ୍ରାୟ କିଛି ଲକ୍ଷଣ ଦେଖାଯାଇନଥାଏ । ତେବେ କେତେକ କ୍ଷେତ୍ରରେ ବଲବ୍ ଚାରିପଟେ ରଙ୍ଗୀନ ଗୋଲ ଦେଖାଯିବା, ଆଖିରେ ଯନ୍ତ୍ରଣା ବା ମୁଣ୍ଡବିନ୍ଧିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ ।
- ସାଧାରଣତଃ ୪୦ ବର୍ଷ ବା ତଦୁର୍ଦ୍ଧ୍ୱ ଲୋକମାନଙ୍କୁ (ବିଶେଷ କରି ଯାହାଙ୍କ ପରିବାରରେ କଳାମୋତିଆ ରୋଗ ଥିବାର ପ୍ରମାଣ ଥିବ) ବା ଯେଉଁମାନେ ଡାଇବେଟିସ୍, ରକ୍ତଚାପ ଆଦି ରୋଗରେ ପୀଡିତ ଥିବେ ସେମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ ।
- ୪୦ ବର୍ଷ ବା ତଦୁର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତି କଳାମୋତିଆ ପାଇଁ ଚକ୍ଷୁପରୀକ୍ଷା ନିଶ୍ଚୟ କରାଇ ନିଅନ୍ତୁ ଓ ଆବଶ୍ୟକ ସ୍ଥଳେ ନିୟମିତ ଚିକିତ୍ସାରେ ରୁହନ୍ତୁ ।
- କଳା ମୋତିଆର ଚିହ୍ନଟ ସରକାରୀ ଚକ୍ଷୁଚିକିତ୍ସା କେନ୍ଦ୍ରମାନଙ୍କରେ ଉପଲବ୍ଧ।

ସଠିକ୍ ଚିହ୍ନଟ, ସଠିକ୍ ଉପଚାର, କଳାମୋତିଆକୁ ନଥିବ ଡର ।

ସର୍ବଦା କରୋନା ସମ୍ବନ୍ଧୀୟ ସତର୍କତା ନିଶ୍ଚୟ ପାଳନ କରନ୍ତୁ
ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ ।

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
OIPR-10003/13/0151/2122

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୦ ମାର୍ଚ୍ଚ, ୨୦୨୨

## ସାମାନ୍ୟ ବଚସାରୁ ମାରପିଟ, ଜଣେ ଗିରଫ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ ମଦନପାଲିରେ ଏକ ବିବାହ ଭୋଜିରେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏକ ମାମଲା(୩୮/୨୨)ରୁଜୁ କରି ପୋଲିସ ମଦନପାଲିର ହାଡୁ ରଣାଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ମଙ୍ଗଳବାର ମଦନପାଲିରେ ଏକ ବାହାଘର ଭୋଜି ଚାଲିଥିବା ସମୟରେ ହାଡୁ ରଣା ଓ ଭଗବତିଆ ରଣାଙ୍କ ମଧ୍ୟରେ ବଚସା ହେବା ସହ ମାରପିଟ ହୋଇଥିଲା। ଏଥିରେ ଭଗବତିଆଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା। ଭଗବତିଆଙ୍କ ପୁଅ ନରେନ୍ଦ୍ର ରଣା ଏ ନେଇ ଦେଓଗାଁ ଥାନାରେ ଏତଲା ଦେଇଥିଲେ।



## ସଂକ୍ଷେପରେ

### ଡକାୟତି ଘଟଣାରେ ୨ ଗିରଫ, ସ୍କୁଟି ଜବତ

ଖଡିଆଳ,୯।୩(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡିଆଳ ପୋଲିସ ଏକ ଡକାୟତି ଘଟଣାର ତଦନ୍ତ କରି ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ତାଙ୍କଠାରୁ ଏକ ସ୍କୁଟି (ନଂ. ଓଡି୨୬ଡି-୪୪୬୦) ଜବତ କରିଥିବା ଜଣାପଡିଛି। ଗିରଫ ୨ଜଣ ହେଲେ ଖଡିଆଳ ସହର ସାହୁପଡାର ଜିତୁ ସାହୁ ଏବଂ ମଣ୍ଟୁ ବାଗ। ପୋଲିସ ସୂଚନା ଅନୁସାରେ ଗତ ୮ ତାରିଖ ସନ୍ଧ୍ୟାରେ ଖଡିଆଳ ସହର ୧ ନଂ. ୱାର୍ଡ ମୁକ୍ତାପୁରଗାଁ ଏକ ଭଡାଘରେ ରହୁଥିବା ବିରାଜ କୁମାର ନାମକ ବ୍ୟକ୍ତି କୌଣସି କାମ ପାଇଁ ସହରକୁ ଆସୁଥିଲେ। ଏହି ସମୟରେ ଘର ନିକଟରେ ପୂର୍ବରୁ ଯୋଜନା ବଦ୍ଧ ଭାବେ ରହିଥିବା ଜିତୁ ଏବଂ ମଣ୍ଟୁ ତାଙ୍କୁ ଟେକି ନେଇ ମୁକ୍ତାପୁର ଅଙ୍ଗନୱାଡି କେନ୍ଦ୍ର ପଛପଟେ ନିସ୍ତୁକ ମାଡ ମାରିବା ସହ ୮୦୦୦ଟଙ୍କା ଲୁଟି ନେଇଥିଲେ। ଏ ନେଇ ବିରାଜ ଥାନାରେ ଅଭିଯୋଗ କରିବା ପରେ ଖଡ଼ିଆଳ ପୋଲିସ ଏକ ମାମଲା (ନଂ.୯୨/୨୨) ରୁଜୁ ଆରମ୍ଭ କରିଥିଲା।

### ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର

ଲାଞ୍ଜିଗଡ଼,୯।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ଦିନକୁ ଦିନ ମାଓବାଦୀମାନେ ନିଜ କାୟାବିସ୍ତାର କରି ଚାଲିଥିବା ବେଳେ ଜନସାଧାରଣ ମଧ ସେମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଲୋକଙ୍କ ମଧରେ ସଚେତନତା ଆଣିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ଗାଁରେ ଜନସମ୍ପର୍କ ଆୟୋଜନ କରାଯାଉଛି। ଏହିକ୍ରମରେ ବୁଧବାର ଲାଞ୍ଜିଗଡ଼ ବ୍ଲକର ମାଓବାଦୀଗଡ଼ କୁହାଯାଉଥିବା ତ୍ରିଲୋଚନପୁରଠାରେ ସିଆରପିଏଫ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ତ୍ରିଲୋଚନପୁର ପଞ୍ଚାୟତ ଅମଠାପଦର, ଲଡାଙ୍ଗ, ଗନ୍ଧନୀ, ଫୁଲଡୁମେର, ଖେମୁଣ୍ଡିପଦର, ଆମଗୁଡା, ସାପଚଞ୍ଚରା ଆଦି ଗାଁ ଲୋକେ ଯୋଗଦେଇଥିଲେ। ବୈଠକରେ ଲାଞ୍ଜିଗଡ଼ ଜୋନ ୨ର ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ଓ ତ୍ରିଲୋଚନପୁର ସରପଞ୍ଚ ଲକ୍ଷ୍ମୀ ମାଝି ଅତିଥି ଭାବେ ଯୋଗଦେଇ ସିଆରପିଏଫ ଯବାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସିଆର୍‌ପିଏଫ୍ କ୍ୟାମ୍ପରେ ୧୪୫ଟି ରେଡ଼ିଓ ଓ ୩୮ଟି ସୋଲାର ଲ୍ୟାମ୍ପ ଲୋକଙ୍କୁ ପ୍ରଦାନ କରାଯାଇଛି।

### ସୁନା, ରୁପା ଗହଣା ସହ ନଗଦ ଟଙ୍କା ଚୋରି

ଭବାନୀପାଟଣା,୯।୩(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣାରେ ଚୋରମାନଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଘର ମାଲିକଙ୍କ ଅନୁପସ୍ଥିତର ସୁଯୋଗ ନେଇ ସୁନା, ରୁପା ଗହଣା, ନଗଦ ଟଙ୍କା ଚୋରମାନେ ଲୁଟିନେଇଛନ୍ତି। ପ୍ରକାଶ ଯେ, ଭବାନୀପାଟଣା ଟାଉନ ଚୁଡ଼ିହାରିପଡ଼ା ଶର୍ମା କଲୋନୀ ନିକଟରେ ରହୁଥିବା ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକ ସ୍ତ୍ରୀଙ୍କ ବଡଭାଇଙ୍କ ଅନ୍ତେଷ୍ଟି କ୍ରିୟାରେ ଯୋଗଦେବା ପାଇଁ ଯାଇଥିଲେ। ଏହାର ସୁଯୋଗ ନେଇ ଏହି ସମୟରେ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ୨ଟି ଆଲମିରା ଖୋଲି ପ୍ରାୟ ୨୦ ହଜାର ଟଙ୍କା, ରୂପା ପାଉଁଜି ଆଦି ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଛନ୍ତି। ସେହିପରି ତଳ ଭଡ଼ାଘର ତାଲା ଭାଙ୍ଗି ଏକ ହଳ ସୁନା ରିଂ, ସୁନା ମୁଦି, ଚାରିଅଣି ସୁନା ଓ ବିଲ ସମେତ ନଗଦ ୧୫ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଘଟଣା ସମ୍ପର୍କରେ ଘର ମାଲିକ ପ୍ରଦ୍ୟୁମ୍ନ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମକଦ୍ଦମା ରୁଜୁ କରି ସାଇଣ୍ଟିଫିକ ଟିମ ସହ ମିଳିତ ତଦନ୍ତ ଆରମ୍ଭ କରିଛନ୍ତି।

### କଂଗ୍ରେସର ପୌର ନିର୍ବାଚନ ସଂକ୍ରାନ୍ତୀୟ ବୈଠକ

ବଲାଙ୍ଗୀର ଅଫିସ,୯।୩: ବଲାଙ୍ଗୀର ସହର ଶାନ୍ତିପଡା କଲ୍ୟାଣ ମଣ୍ଡପଠାରେ ପିସିସି ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ପୌର ନିର୍ବାଚନ ସଂକ୍ରାନ୍ତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଂଗ୍ରେସର ବଲାଙ୍ଗୀର ପୌରାଧକ୍ଷା ପ୍ରାର୍ଥୀ ମିଳନୀ ସାହୁ, ୧ ନମ୍ବର ୱାର୍ଡ କାଉନସିଲ ପ୍ରାର୍ଥୀ ସସ୍ମିତା କୁମାର, ୨ର ସୁଜାତା ପୋଡ, ୨୧ ନମ୍ବର ୱାର୍ଡପ୍ରାର୍ଥୀ ମନୋଜ କୁମାର ବେହେରା, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, କଂଗ୍ରେସର କୁଳମଣି ସାହୁ, ଅଙ୍କିତ ସାହୁ ପ୍ରମୁଖ ଯୋଗଦେଇଥିଲେ। କଂଗ୍ରେସ ପ୍ରାର୍ଥୀମାନେ କିଭଳି ରଣକୌଶଳ ଅବଲମ୍ବନ କରି ଲୋକଙ୍କ ପୌର ନିର୍ବାଚନରେ ବିଜୟୀ ହେବେ ସେନେଇ ଆଲୋଚନା କରିଥିଲେ। ବଲାଙ୍ଗୀର ପୌରପାଳିକାର ଅପାରଗତା, ଦୁର୍ନୀତି ଏବଂ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ନେଇ ଲୋକେ କିଭଳି ହନ୍ତସନ୍ତ ହେଉଛନ୍ତି ସେ ନେଇ ଲୋକଙ୍କୁ ସଚେତନ କରିବା ଉପରେ ଆଲୋଚନା ହୋଇଥିଲା।

# ବିଦ୍ରୋହୀଙ୍କୁ ମନାଇବାକୁ ଉଦ୍ୟମ

ବରଗଡ଼ ଅଫିସ,୯।୩

**ବରଗଡ଼ ଜିଲା ପୌର ନିର୍ବାଚନ ଦୃଶ୍ୟପଟ**
- ନାମାଙ୍କନ ପତ୍ର ଯାଞ୍ଚ ସରିଲା
- ଅନ୍ୟ ଦଳର ପ୍ରାର୍ଥୀଙ୍କୁ ଟାଣିବାକୁ ମସୁଧା

ପୌର ନିର୍ବାଚନ ପାଇଁ ବରଗଡ଼ ଜିଲାରେ ରାଜନୈତିକ ଉଷ୍ମତା ବଢ଼ି ଚାଲିଛି। ଜିଲାର ବରଗଡ଼ ପୌରପାଳିକା ସମେତ ବରପାଲି, ପଦ୍ମପୁର ଏବଂ ବିଜେପୁର ଏନଏସିରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ବୁଧବାର ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଯାଞ୍ଚ ପରେ ତାଲିକା ପ୍ରକାଶ ପାଇଛି। ତାଲିକା ପ୍ରକାଶ ପରେ ପ୍ରାର୍ଥୀମାନେ ପ୍ରଚାର ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ମଇଦାନରେ ରହି ଯାଇଥିବା ଅସନ୍ତୁଷ୍ଟଙ୍କୁ କୌଣସିମତେ ମନାଇ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ଉପରେ ପ୍ରମୁଖ ଦଳର ନେତୃ ସ୍ଥାନୀୟ ବ୍ୟକ୍ତିମାନେ ଉଦ୍ୟମ ଆରମ୍ଭ କରିଛନ୍ତି।

ବରଗଡ଼ ପୌରପାଳିକା ୧୯ୱାର୍ଡ଼କୁ ନେଇ ଗଠିତ। କାଉନସିଲର ପଦବୀ ପାଇଁ ୬୯ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସମସ୍ତଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ସେହିପରି ସିଧାସଳଖ ଅଧ୍ୟକ୍ଷ ନିର୍ବାଚନ ହେଉଥିବାବେଳେ ଏହି ପଦବୀ ପାଇଁ ନମାଙ୍କନ ଭରିଥିବା ସମସ୍ତ ୧୨ଜଣଙ୍କ ନାମାଙ୍କନ ପତ୍ର କାଏମ ରହିଛି। ଅଧ୍ୟକ୍ଷ ସମେତ ପ୍ରତି ୱାର୍ଡ଼ର କାଉନସିଲର ପଦବୀ ପାଇଁ ୩ପ୍ରମୁଖ ଦଳ ବିଜେଡ଼ି, କଂଗ୍ରେସ ଓ ଭାଜପାର ପ୍ରାର୍ଥୀ ରହିଛନ୍ତି। କେତେକ ୱାର୍ଡ଼ରେ ଆମ ଆଦମୀ ପାର୍ଟି(ଏଏପି), ବହୁଜନ ସମାଜ ପାର୍ଟି(ବିଏସ୍‌ପି)ର ପ୍ରାର୍ଥୀଙ୍କ ସହ ମଇଦାନରେ ସ୍ୱାଧୀନ ପ୍ରାର୍ଥୀ ବି ରହିଛନ୍ତି। ଭୋଟ୍ ବିଭାଜନକୁ ଏଡ଼ାଇବା ପାଇଁ କେତେକ ପ୍ରମୁଖ ଦଳ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ଅନ୍ୟ ଦଳର ପ୍ରାର୍ଥୀଙ୍କୁ ନିଜ ସପକ୍ଷକୁ ଆଣିବା ପାଇଁ ମସୁଧା ଆରମ୍ଭ କରିଥିବା ଆଲୋଚନା ହେଉଛି। ବିଗତ ପୌର ନିର୍ବାଚନରେ ବରଗଡ଼ରେ ସେହିଭଳି ଘଟଣା ଘଟିଥିଲା। ସଦ୍ୟ ସମାପ୍ତ ପଞ୍ଚାୟତ ଭୋଟ୍ ସମୟରେ ଅମ୍ବାଭୋନା ବ୍ଲକ ଜୋନ-୨ ଏବଂ ଗାଇସିଲେଟ ବ୍ଲକର ଏକ ଜୋନରେ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର ଏହାର ନଜିର ହୋଇଛି। ଫଳରେ ପୌର ନିର୍ବାଚନରେ ସେଭଳି ଘଟିବା ଆଶଙ୍କା ଏଡ଼ାଇ ଦେଇ ହେଉନାହିଁ।

ବରପାଲି ଏନଏସି ୧୧ୱାର୍ଡ଼କୁ ନେଇ ଗଠିତ। ଏଠାରେ ୩୭ପ୍ରାର୍ଥୀ ରହିଛନ୍ତି। ୱାର୍ଡ଼ ନଂ-୫ରେ କଂଗ୍ରେସ ପ୍ରାର୍ଥୀ ଦେଇନାହିଁ। ଅନ୍ୟପକ୍ଷେ ସବୁୱାର୍ଡ଼ରେ ବିଜେଡ଼ି, କଂଗ୍ରେସ ପ୍ରାର୍ଥୀ ରହିଥିବାବେଳେ ଏଠାରେ ମଧ୍ୟ ଏକାଧିକ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ସେହିପରି ଅଧ୍ୟକ୍ଷ ପଦବୀ ପାଇଁ ୧୧ ପ୍ରାର୍ଥୀ ରହିଛନ୍ତି। ଅଧ୍ୟକ୍ଷ ପଦବୀରେ ମଧ୍ୟ ୩ପ୍ରମୁଖ ଦଳର ପ୍ରାର୍ଥୀ ଥିବାବେଳେ ସ୍ୱାଧୀନ ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ରହିଛି। ପଦ୍ମପୁର ଏନଏସିରେ ମଧ୍ୟ ଅନୁରୂପ ସ୍ଥିତି। ଉକ୍ତ ଏନଏସି ୧୧ୱାର୍ଡ଼ ବିଶିଷ୍ଟ ହୋଇଥିବାବେଳେ ଅଧ୍ୟକ୍ଷ ପଦବୀରେ ବିଜେଡି, ଭାଜପା, କଂଗ୍ରେସ ସହ ୪ଜଣ ରହିଛନ୍ତି। ସେହିପରି ପଦ୍ମପୁର ଏନଏସିର ୩ଟି ୱାର୍ଡ଼ରେ କଂଗ୍ରେସ ପ୍ରାର୍ଥୀ ଦେଇନାହିଁ। ସବୁ ୱାର୍ଡ଼ରେ ବିଜେଡ଼ି, ଭାଜପା ପ୍ରାର୍ଥୀ ରହିଛନ୍ତି। ଏହିଭଳି ଏଠାରେ ୧୧ୱାର୍ଡ଼ ପାଇଁ ୩୩ପ୍ରାର୍ଥୀ ରହିଛନ୍ତି। ବିଜେପୁର ଏନଏସିରେ ଏଥର ପ୍ରଥମଭାବେ ନିର୍ବାଚନ ହେବ। ଫଳରେ ଏଠାକାର ପୌର ନିର୍ବାଚନ ପ୍ରତି ସଭିଙ୍କ ଦୃଷ୍ଟି ରହିଛି। ଅନ୍ୟପକ୍ଷେ ପଞ୍ଚାୟତ ଭୋଟରେ ଅନ୍ୟ ବ୍ଲକଠାରୁ ବିଜେପୁରରେ ବିଜେଡ଼ିର ବିପର୍ଯ୍ୟୟ ଘଟିଥିବା ଯୋଗୁ ଏଠାରେ ପୌର ଦଖଲ ପାଇଁ ବିଜେଡ଼ି କସରତ ଚଲାଇଛି। ତେବେ ଭାଜପା ଏବଂ କଂଗ୍ରେସ ମଧ୍ୟ ବିଜେପୁର ହାତେଇବାକୁ ପଛରେ ନ ପଡ଼ି ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଛି।


ନିର୍ବାଚନ ଅଧିକାରୀ ରବୀନ୍ଦ୍ର କୁମାର ପୁଟେଲ ନାମାଙ୍କନ ପତ୍ର ଯାଞ୍ଚ କରୁଛନ୍ତି।

# ୭ ଅଧ୍ୟକ୍ଷ, ୩୯ କାଉନସିଲର ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱ କାଏମ

ଖଡିଆଳ,୯।୩(ଡି.ଏନ.ଏ.)

**ଖଡିଆଳ ଏନ୍‌ଏସି: ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ**

ନୂଆପଡା ଜିଲା ଖଡିଆଳ ଏନ୍‌ଏସି ପୌର ନିର୍ବାଚନ ଲାଗି ବୁଧବାର ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଯାଇଛି। ଏନ୍‌ଏସି ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସମସ୍ତ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଯାଞ୍ଚ ପରେ ଏନ୍‌ଏସି ଅଧକ୍ଷ ପଦବୀ ପାଇଁ ଦାଖଲ କରିଥିବା ସମସ୍ତ ୭ଜଣ ପ୍ରାର୍ଥୀଙ୍କ ସମେତ ୧୩ଟି ୱାର୍ଡ ପାଇଁ ଦାଖଲ ୩୯ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ବୈଧ ଥିବା ନିର୍ବାଚନ ଅଧିକାରୀ ତଥା ଖଡିଆଳ ତହସିଲଦାର ସିନ୍ଧୁସୁତା ପାତ୍ର ସୂଚନା ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୨୪ରେ ଖଡିଆଳ ଏନ୍‌ଏସିର ଅଧକ୍ଷ ପଦ ସମେତ ସମସ୍ତ ୱାର୍ଡର କାଉନସିଲର୍ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଅଧକ୍ଷ ପଦ ପାଇଁ ଚଳିତବର୍ଷ ଭୋଟରମାନେ ସିଧାସଳଖ ମତଦାନ କରିବାକୁ ଥିବାବେଳେ ଭୋଟରଙ୍କ ମଧରେ ଉତ୍ସାହ ପରିଲକ୍ଷିତ ହେଉଛି। ସୂଚନାଯୋଗ୍ୟ ଯେ, ଏନ୍‌ଏସି ଅଧକ୍ଷ ପଦ ପାଇଁ ୭ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନ ରହିଛନ୍ତି। କଂଗ୍ରେସରୁ ଉଜ୍ଜ୍ୱଳ ଗୁପ୍ତା, ବିଜେଡିରୁ ମୁଳଚନ୍ଦ ଅଗ୍ରୱାଲ, ଭାଜପାରୁ ବିକାଶ ସିଂଘଲ, ସିପିଆଇ (ଏମ୍)ରୁ ସରୋଜିନୀ ପ୍ରଧାନୀଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀ ଭାବେ ଅବସରପ୍ରାପ୍ତ ଆୟକର କମିଶନର ଶ୍ରୀକାନ୍ତ ଚର୍ଟର୍ଜି, ପୂର୍ବତନ ଏନଏସି ଅଧକ୍ଷ ନିମାଇଁ ଚରଣ ତାଣ୍ଡି ଏବଂ କିଶୋର ବାଗ ମଇଦାନରେ ରହିଛନ୍ତି। ଉଭୟ କଂଗ୍ରେସ ଏବଂ ବିଜେଡି ସମସ୍ତ ୧୩ଟି ୱାର୍ଡରେ ପ୍ରାର୍ଥୀ ଦେଇଛି। ଭାଜପା ୱାର୍ଡ ନଂ.୨, ୪ ଏବଂ ୭ରେ ପ୍ରାର୍ଥୀ ଦେଇ ନ ଥିବା ବେଳେ ବାକି ୧୦ଟି ୱାର୍ଡରେ ପ୍ରାର୍ଥୀ ଦେଇଥିବା ବେଳେ ୩ଜଣ ସ୍ୱାଧୀନ ପ୍ରାର୍ଥୀ ମଇଦାନ ରହିଥିବା ଜଣାପଡ଼ିଛି।

## ୨୨୧ ଅଧକ୍ଷ, କାଉନସିଲରଙ୍କ ପ୍ରାର୍ଥୀପତ୍ର କାଏମ

**କଳାହାଣ୍ଡି ଜିଲା: ପୌର ନିର୍ବାଚନ**
- ଜୁନାଗଡ, କେସିଙ୍ଗାର ୨ କାଉନସିଲରଙ୍କ ପ୍ରାର୍ଥୀପତ୍ର ନାକଚ

ଭବାନୀପାଟଣା,୯।୩(ସ୍ୱ.ପ୍ର.)

ପୌର ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣା ପୌର ପରିଷଦ ସମେତ ଜୁନାଗଡ, ଧର୍ମଗଡ ଓ କେସିଙ୍ଗା ଏନ୍‌ଏସିର ମୋଟ ୨୨୩ରୁ ୨୨୧ ଅଧକ୍ଷ ଓ କାଉନସିଲରଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଜୁନାଗଡ ଓ କେସିଙ୍ଗାରେ ଜଣେ ଲେଖାଁଏ କାଉନସିଲରଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବା ଜଣାପଡିଛି। ଜୁନାଗଡରେ ୧୧ ନଂ. ୱାର୍ଡ କଂଗ୍ରେସ ମହିଳା କାଉନସିଲର ଗୋମତି ହରିଜନ ଓ କେସିଙ୍ଗାର ୧୧ ନଂ. ୱାର୍ଡ ସ୍ୱାଧୀନ କାଉନସିଲର ଯାଜ୍ଞସିନୀ ଶିଖାଙ୍କ ନାମାଙ୍କନପତ୍ର ନାକଚ ହୋଇଥିବା ଜଣାପଡିଛି। ଜିଲାରେ ଭବାନୀପାଟଣା ପୌର ପରିଷଦ, ଜୁନାଗଡ, ଧର୍ମଗଡ ଓ କେସିଙ୍ଗାରେ ଏନ୍‌ଏସିରେ ସର୍ବମୋଟ ୨୨୩ଜଣ ଅଧକ୍ଷ ଓ କାଉନସିଲର ନାମାଙ୍କନପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ବୁଧବାର ୨ଜଣଙ୍କ ନାମାଙ୍କନ ଯାଞ୍ଚ ବେଳେ ନାକଚ ହୋଇଛି। ଯାଞ୍ଚ ପରେ ଜିଲାର ଭବାନୀପାଟଣା ପୌର ପରିଷଦରେ କାଉନସିଲର ୮୩, ପୌରଧକ୍ଷା ୮ ପ୍ରାର୍ଥୀ କାଏମ୍ ଥିବାବେଳେ ଜୁନାଗଡରେ ୩୬ କାଉନସିଲର, ଅଧକ୍ଷ ୪, ଧର୍ମଗଡରେ କାଉନସିଲର ୪୨, ଅଧକ୍ଷ ୪ ଓ କେସିଙ୍ଗା ଏନ୍‌ଏସିରେ ୩୯ କାଉନସିଲର ଏବଂ ଅଧକ୍ଷ ପାଇଁ ୫ ପ୍ରାର୍ଥୀ କାଏମ୍ ରହିଥିବା ଜଣାପଡିଛି। ୧୪ ତାରିଖ ସନ୍ଧ୍ୟାରେ ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଜଣାପଡିଛି।

# ଆଦର୍ଶ ଆଚରଣ ବିଧି ଅନୁପାଳନ ଉପରେ ଗୁରୁତ୍ୱ

ବଲାଙ୍ଗୀର ଅଫିସ, ୯।୩

ବଲାଙ୍ଗୀର ଡିଆରଡିଏ ସମ୍ମିଳନୀ କକ୍ଷରେ ବୁଧବାର ପୌର ନିର୍ବାଚନ ସଂକ୍ରାନ୍ତରେ ସମସ୍ତ ରାଜନୈତୀକ ଦଳମାନଙ୍କୁ ନେଇ ଆଦର୍ଶ ଆଚରଣ ବିଧି ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ନିର୍ବାଚନ କମିଶନରଙ୍କ ଦ୍ୱାରା ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଗଙ୍ଗାଧର ନାୟକ, ଏସ୍‌ପି ନୀତିନ କୁଶଲକର, ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ସିଂ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସଏ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଟିଲାଗଡ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ୍, ବଲାଙ୍ଗୀର ଉପଜିଲାପାଳ ଲମ୍ବୋଦର ଧରୁଆ, ପାଟଣାଗଡ ଉପଜିଲାପାଳ ଡ ବିଜୟାନନ୍ଦ ସେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲୀପ କୁମାର ପଟେଲ, ସମସ୍ତ ନିର୍ବାଚନ ଅଧିକାରୀ, ପୌର ପରିଷଦ ଓ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ସମେତ ଭାରତୀୟ ଜାତୀୟ କଂଗ୍ରେସ, ବିଜେଡି, ଭାଜପା, ଆମ୍ ଆଦମୀ ପାର୍ଟି, ବହୁଜନ୍ ସମାଜ ପାର୍ଟି ଓ ଭିଲେଜର୍ସ ଇଣ୍ଡିଆ ପାର୍ଟି ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ। ପୌର ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଏବଂ ନିର୍ବାଚନ ସମ୍ପର୍କିତ ଆଦର୍ଶ ଆଚରଣ ବିଧିର ସଠିକ୍ ଅନୁପାଳନ କରିବା ଉପରେ ଧ୍ୟାନ ଦେବାକୁ ଜିଲାପାଳ ରାଣା ସମସ୍ତ ରାଜନୈତିକ ଦଳ ପ୍ରତିନିଧି ଏବଂ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ।


ଅନୁଷ୍ଠିତ ବୈଠକରେ ପ୍ରଶାସକ, ରାଜନୈତିକ ଦଳ ପ୍ରତିନିଧି ଓ ପ୍ରାର୍ଥୀମାନେ।

# ୩ ଅଧକ୍ଷ, ୩୩ କାଉନସିଲର ପ୍ରାର୍ଥୀଙ୍କ ନାମାଙ୍କନ କାଏମ

ଗୁଡ଼ଭେଲା,୯।୩(ଡି.ଏନ.ଏ.)

- ତୁଷୁରା ଏନ୍‌ଏସିରେ ନାମାଙ୍କନ ପତ୍ର ଯାଞ୍ଚ
- ୩ ୱାର୍ଡରେ ପ୍ରାର୍ଥୀ ଦେଇନି କଂଗ୍ରେସ

ପ୍ରାର୍ଥୀପତ୍ର ଯାଞ୍ଚ ପରେ ବଲାଙ୍ଗୀର ଜିଲା ତୁଷୁରା ଏନଏସି ନିର୍ବାଚନ ପାଇଁ ୩ଅଧକ୍ଷ, ୩୩ କାଉନସିଲରଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ବୁଧବାର ଏନଏସି କାର୍ଯ୍ୟାଳୟ ପରିସରରେ ନାମାଙ୍କନ ପତ୍ର ଯାଞ୍ଚ ପରେ ଅଧକ୍ଷ ପଦ ପାଇଁ ତିନି ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀ ମଇଦାନରେ ରହିଥିବା ନିର୍ବାଚନ ଅଧିକାରୀ ତଥା ତୁଷୁରା ତହସିଲଦାର ରବିନ୍ଦ୍ର ପଟେଲ କହିଛନ୍ତି। ବିଜେଡି ପକ୍ଷରୁ ଅଧକ୍ଷ ପ୍ରାର୍ଥୀ ରହିଛନ୍ତି ଅଜୟ କୁମାର ଜୟସ୍ୱାଲ। ସେହିପରି ଦଳ ପକ୍ଷରୁ କାଏମ ରହିଥିବା ୱାର୍ଡୱାରୀ କାଉନସିଲର ପ୍ରାର୍ଥୀମାନେ ହେଲେ ୧ନମ୍ବର ଉର୍ମିଳା ପ୍ରଧାନ, ୨ନମ୍ବର ସୁଷମା ସାହୁ, ୩ ଚିନ୍ତାମଣି ବାଗ, ୪ ମିଥୁନ ସାହୁ, ୫ ମାମି ଦାଶ, ୬ ପୁଷ୍ପାଞ୍ଜଳି ବିଶି, ୭ ସବିତା ନାଗ, ୮ ସର୍ବେଶ୍ୱରୀ ଭୋଇ, ୯ ଟଙ୍କଧର ନାଗ, ୧୦ ଭିକାରୀ ରଣା, ୧୧ ରୀତା ପ୍ରଧାନୀ। ସେହିପରି ଭାଜପାର ଅଧକ୍ଷ ପ୍ରାର୍ଥୀଭାବେ ରୁନୁଗୋପାଳ ସାହୁଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଦଳର ପ୍ରାର୍ଥୀମାନେ ହେଲେ ୧ନମ୍ବର ୱାର୍ଡ ପାଇଁ ମିତାଲି ସାହୁ, ୨ ସୁଶାନ୍ତି ଦାଶ, ୩ ଉମା ଚରଣ ବାଗ, ୪ ବିଭୁ ପ୍ରସାଦ ସାହୁ, ୫ ରଶ୍ମିତା ବାଗ, ୬ ଗୀତାଞ୍ଜଳି ଦର୍ଜି, ୭ ସୁଭଦ୍ରା ସରଭଙ୍ଗିଆ, ୮ ଭଗବତୀ ଭୋଇ, ୯ ଧିରେନ୍ଦ୍ର କୁମାର ମହାନନ୍ଦ, ୧୦ ବବିତା ସାହୁ, ୧୧ନମ୍ବର ଦେବନ୍ତି ପ୍ରଧାନୀ। ଅନୁରୂପଭାବେ କଂଗ୍ରେସ ଦଳ ପକ୍ଷରୁ ଅଧକ୍ଷ ପ୍ରାର୍ଥୀ ରହିଛନ୍ତି ଅମରେଶ ପ୍ରସାଦ କେଡିଆ। ଦଳର ୱାର୍ଡୱାରୀ ପ୍ରାର୍ଥୀମାନେ ହେଲେ ୧ନମ୍ବର ନମିତା ଦୀପ, ୨ ରାଜକୁମାରୀ ବଢିଆ, ୩ ହନିପ ମହମ୍ମଦ, ୬ ଅନୁସୟା ଶର୍ମା, ୮ ଡୁଲେଶ୍ୱରୀ ଭୋଇ, ୯ ପଞ୍ଚାନନ ସୁନା, ୧୦ ସନକ ରଣା, ୧୧ନମ୍ବର ବନିତା ପ୍ରଧାନୀ । ସେହିପରି ସ୍ୱାଧୀନ ପ୍ରାର୍ଥୀଭାବେ ୬ନମ୍ବର ୱାର୍ଡ ରେଖା ଶର୍ମା, ୮ନମ୍ବର କବିତା ଭୋଇ ଓ ୧୦ନମ୍ବର ୱାର୍ଡ ପାଇଁ ଓମ ପ୍ରକାଶ ରଣାଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ

ନୂଆପଡ଼ା ଅଫିସ,୯।୩

ନୂଆପଡ଼ା ଜିଲା ସ୍ଥାନୀୟ ସଦଭାବନା ସଭା ଗୃହରେ ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରମଶନ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ସୁରକ୍ଷା ନେଇ ଆଲୋଚନା କରିଥିଲେ। ପ୍ରଚୁର ପରିମାଣରେ ଓଆରଏସ ଗୁଣ୍ଡ ମହଜୁତ ରଖିବା, ସଚେତନତା ସୃଷ୍ଟି, ପାନୀୟ ଜଳର ସୁବିଧା, ତୁରନ୍ତ ଜଳ ଉତ୍ସ ପୁନରୁଦ୍ଧାର କରିବା ସହ ଅସଜଡା ନଳକୂଅ ସଜାଡିବା, ବିଦ୍ୟାଳୟ ସମୟ ପରିବର୍ତ୍ତନ, ଯାତ୍ରୀବାହୀ ବସ ଚଳାଚଳ ସମୟ ପରିବର୍ତ୍ତନ, କର୍ମଜୀବୀମାନଙ୍କ ପାଇଁ କର୍ମକ୍ଷେତ୍ରରେ ସମୟ ପରିବର୍ତ୍ତନ ବାବଦରେ ଆଲୋଚନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଓ ବ୍ଲକସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶିକା ମଧୁଛନ୍ଦା ସାହୁ, ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ଉପଜିଲାପାଳ ତରଣୀସେନ ନାଏକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ୫ ବ୍ଲକର ବିଡିଓ, ତହସିଲଦାର, ୩ ଏନ୍‌ଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ, ସଡକ ପରିବହନ ଅଧିକାରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଜନ ସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ।


ଜିଲା ବିପର୍ଯ୍ୟୟ ପ୍ରଶମନ ବୈଠକରେ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀବୃନ୍ଦ।

## ଖପ୍ରାଖୋଲ କପ୍ ଫୁଟବଲ: ବେନକେରା ଚାମ୍ପିୟନ

ଖପ୍ରାଖୋଲ, ୯।୩ (ଡି.ଏନ.ଏ. )

ବଲାଙ୍ଗୀର ଜିଲା ଖପ୍ରାଖୋଲ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ଖପ୍ରାଖୋଲ କପ ଫୁଟବଲ ଟୁର୍ନାମେଣ୍ଟ ବୁଦବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ବେନକେରା ଓ ଖପ୍ରାଖୋଲ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇ ନ ପାରିବାରୁ ପେନାଲଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ୩-୦ ଗୋଲରେ ବେନକେରା ଦଳ ଚାମ୍ପିୟନ ହୋଇଥିଲା। ରେଫରୀ ଦୀପକ ରାଜହଂସ, ଲାଇନରେ ସୁଜିତ ରାଜହଂସ ଓ ରାଜୀବ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ଫଲଗୁନୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବିଡ଼ିଓ ରଶ୍ମିରଞ୍ଜନ ରାଉତ, ସମ୍ମାନିତ ଅତିଥି ମହାବୀର ପ୍ରଧାନ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ପାଞ୍ଚ ହଜାର ଟଙ୍କା, ଓ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ତିନି ହଜାର ଟଙ୍କା ପ୍ରଦାନ କରିଥିଲେ । ଏହି ଟୁର୍ନାମେଣ୍ଟରେ ଆଠଟି ଦଳ ଭାଗ ନେଇଥିଲେ। ରଞ୍ଜନ ସେଠୀ, ଶିବା ଜାନି, ବୁଲୁ ସୁନା, ସାନ ଗଡତ୍ୟା ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

# ଅଧ୍ୟାପକ ନିଯୁକ୍ତି, ଜବରଦଖଲ ସମସ୍ୟା ନେଇ ଆଲୋଚନା

ବଲାଙ୍ଗୀର ଅଫିସ,୯।୩

ବଲାଙ୍ଗୀର ନାଗରିକ କମିଟିର ଏକ ପ୍ରତିନିଧି ଦଳ ବୁଧବାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କୁ ସାକ୍ଷାତ କରି ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପ୍ରଫେସର ନିଯୁକ୍ତି, ଜବରଦଖଲ ସମସ୍ୟା ଉପରେ ବିଶେଷ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧୀନରେ ଥିବା ୧୮ଟି ବିଭାଗରେ ଶିକ୍ଷା ଏବଂ ଅଣଶିକ୍ଷା ବିଭାଗ କର୍ମଚାରୀ ଅଭାବ ଯୋଗୁଁ ପାଠପଢ଼ା ଏବଂ ବିଶ୍ୱବିଦ୍ୟାଳୟର ଆନୁସଙ୍ଗିକ କାର୍ଯ୍ୟରେ କିଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି ତାହା ଉପରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ଅଧୀନରେ ମାତ୍ର ୪୨ ଏକର ଜମି ରହିଥିବାବେଳେ ୬୪ ଏକର ଜମି ପ୍ରଦାନ ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି କୁଳପତି ମହାପାତ୍ର ସୂଚନା ଦେଇଥିଲେ। ଭବିଷ୍ୟତକୁ ଆଖି ଆଗରେ ରଖି ବିଶ୍ୱବିଦ୍ୟାଳୟ ପାଇଁ ୫୦୦ ଏକର ଜମି ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ୧୨୬ ଅଧ୍ୟାପକ ରହିବା ସ୍ଥାନରେ ମାତ୍ର ୩୧ ଅଧ୍ୟାପକ କାମ ତୁଲାଉଛନ୍ତି। ଏହି ଅଧ୍ୟାପକମାନେ ବିଶ୍ୱବିଦ୍ୟାଳୟର ବିଭିନ୍ନ ପ୍ରଶାସନିକ କାର୍ଯ୍ୟ ଯଥା ପରୀକ୍ଷା ନିୟନ୍ତ୍ରଣ, ରେଜିଷ୍ଟ୍ରାର ଓ ବିଭିନ୍ନ ବିଭାଗ ଅଧକ୍ଷ ଦାୟିତ୍ୱ ତୁଲାଉଥିବାରୁ ପାଠପଢ଼ା ବ୍ୟାଘାତ ହେଉଛି । ୪୩ ଜଣ ଗେଷ୍ଟ ଫେକୁଲଟିଙ୍କୁ ଏଠାରେ ଅବସ୍ଥାପିତ କରାଯାଇ ଯେଣତେଣ ପ୍ରକାରେଣ ପାଠ ପଢ଼ା ଚାଲିଛି। ଏଥିଯୋଗୁଁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପରେ ମଧ ପାଠପଢ଼ାରେ ଅସୁବିଧା ସୃଷ୍ଟି ହେଉଛି ବୋଲି କୁହାଯାଇଥିଲା। ଆଗକୁ ସେଲ୍ଫ ଫାଇନାନ୍ସ ମାଧ୍ୟମରେ ପାଠ ପଢ଼ିବା ପାଇଁ ନୂତନ ବିଷୟ ନ ଖୋଲିବା ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ରହିଥିବା ବିଷୟକୁ ନେଇ ଆଲୋଚନା ସମୟରେ ଚିନ୍ତା ପ୍ରକଟ ପାଇଥିଲା। ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁଙ୍କ ନେତୃତ୍ୱ ଏବଂ ବିମଳ କୁମାର ଚୋପଦାରଙ୍କ ଆବାହକତ୍ୱରେ ରାଜେନ୍ଦ୍ର କଲେଜ ପୂର୍ବତନ ଅଧକ୍ଷ ଡ. ଅଭିମନ୍ୟୁ ମିଶ୍ର, ପୂର୍ବତନ ଅଧକ୍ଷ ଡ. ସତ୍ୟବନ୍ତ ବେଦବାକ, ସୋନପୁର କଲେଜ ପୂର୍ବତନ ଅଧକ୍ଷ ପ୍ରଫେସର ତରୁଣ କୁମାର ମିଶ୍ର ଏବଂ ସହସମ୍ପାଦକ ଡ. ଚକ୍ରପାଣି ଦାଶ କୁଳପତିଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ।


ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କୁ ନାଗରିକ କମିଟି ପ୍ରତିନିଧି ଭେଟି ଆଲୋଚନା କରୁଛନ୍ତି।

**ନାଗରିକ କମିଟି ପ୍ରତିନିଧି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଭେଟିଲେ**

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୦ ମାର୍ଚ୍ଚ, ୨୦୨୨

## ସାମାନ୍ୟ ବଚସାରୁ ମାରପିଟ, ଜଣେ ଗିରଫ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ ମଦନପାଲିରେ ଏକ ବିବାହ ଭୋଜିରେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏକ ମାମଲା(୩୮/୨୨)ରୁଜୁ କରି ପୋଲିସ ମଦନପାଲିର ହାଡୁ ରଣାଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ମଙ୍ଗଳବାର ମଦନପାଲିରେ ଏକ ବାହାଘର ଭୋଜି ଚାଲିଥିବା ସମୟରେ ହାଡୁ ରଣା ଓ ଭଗବତିଆ ରଣାଙ୍କ ମଧରେ ବଚସା ହେବା ସହ ମାରପିଟ ହୋଇଥିଲା। ଏଥିରେ ଭଗବତିଆଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା। ଭଗବତିଆଙ୍କ ପୁଅ ନରେନ୍ଦ୍ର ରଣା ଏ ନେଇ ଦେଓଗାଁ ଥାନାରେ ଏତଲା ଦେଇଥିଲେ।



## ସଂକ୍ଷେପରେ

### ବୀରମହାରାଜପୁର ବ୍ଲକ ସହକାରୀ ଯନ୍ତ୍ରୀଙ୍କ ବାସଭବନରେ ଅଗ୍ନିକାଣ୍ଡ



ଅମରପାଲି,୯।୩(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତିର ସହକାରୀ ଯନ୍ତ୍ରୀ ବିନିତ ଲାକ୍ରାଙ୍କ ବାସଭବନରେ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଧନ ସମ୍ପତ୍ତି ନଷ୍ଟ ହୋଇଛି। ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ବିଦ୍ୟୁତ୍ ଶଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ବୀରମହାରାଜପୁରରୁ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଘରେ ଥିବା କୁଲର, ୱାଶିଙ୍ଗ ମେଶିନ, ମୂଲ୍ୟବାନ ଜିନିଷ ଓ ଆସବାବପତ୍ର ପୋଡି ଯାଇଥିଲା।

### ଡକାୟତି ଘଟଣାରେ ୨ ଗିରଫ, ସ୍କୁଟି ଜବତ

ଖଡିଆଲ,୯।୩(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡିଆଲ ପୋଲିସ ଏକ ଡକାୟତି ଘଟଣାର ତଦନ୍ତ କରି ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ତାଙ୍କଠାରୁ ଏକ ସ୍କୁଟି (ନଂ. ଓଡି୨୬ଡି-୪୪୬୦) ଜବତ କରିଥିବା ଜଣାପଡିଛି। ଗିରଫ ୨ଜଣ ହେଲେ ଖଡିଆଲ ସହର ସାହୁପଡାର ଜିତୁ ସାହୁ ଏବଂ ମଣ୍ଟୁ ବାଗ। ପୋଲିସ ସୂଚନା ଅନୁସାରେ ଗତ ୮ ତାରିଖ ସନ୍ଧ୍ୟାରେ ଖଡିଆଲ ସହର ୧ ନଂ. ୱାର୍ଡ ମୁକ୍ତାପୁରଗାଁ ଏକ ଭଡାଘରେ ରହୁଥିବା ବିରାଜ କୁମାର ନାମକ ବ୍ୟକ୍ତି କୌଣସି କାମ ପାଇଁ ସହରକୁ ଆସୁଥିଲେ। ଏହି ସମୟରେ ଘର ନିକଟରେ ପୂର୍ବରୁ ଯୋଜନା ବଦ୍ଧ ଭାବେ ରହିଥିବା ଜିତୁ ଏବଂ ମଣ୍ଟୁ ତାଙ୍କୁ ଟେକି ନେଇ ମୁକ୍ତାପୁର ଅଙ୍ଗନୱାଡି କେନ୍ଦ୍ର ପଛପଟେ ନିସ୍ତୁକ ମାଡ ମାରିବା ସହ ୮୦୦୦ଟଙ୍କା ଲୁଟି ନେଇଥିଲେ। ଏ ନେଇ ବିରାଜ ଖଡିଆଲ ଥାନା ଅଭିଯୋଗ କରିବା ପରେ ଖଡିଆଲ ପୋଲିସ ଏକ ମାମଲା (ନଂ.୯୨/୨୨) ରୁଜୁ ଆରମ୍ଭ କରିଥିଲା।

### ସୁନା, ରୁପା ଗହଣା ସହ ନଗଦ ଟଙ୍କା ଚୋରି

ଭବାନୀପାଟଣା,୯।୩(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣାରେ ଚୋରମାନଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଘର ମାଲିକଙ୍କ ଅନୁପସ୍ଥିତର ସୁଯୋଗ ନେଇ ସୁନା, ରୁପା ଗହଣା, ନଗଦ ଟଙ୍କା ଚୋରମାନେ ଲୁଟିନେଇଛନ୍ତି। ପ୍ରକାଶ ଯେ, ଭବାନୀପାଟଣା ଟାଉନ ଚୁଡ଼ିହାରିପଡ଼ା ଶର୍ମା କଲୋନୀ ନିକଟରେ ରହୁଥିବା ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକ ସ୍ତ୍ରୀଙ୍କ ବଡଭାଇଙ୍କ ଅନ୍ତେଷ୍ଟି କ୍ରିୟାରେ ଯୋଗଦେବା ପାଇଁ ଯାଇଥିଲେ। ଏହାର ସୁଯୋଗ ନେଇ ଏହି ସମୟରେ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ୨ଟି ଆଲମିରା ଖୋଲି ପ୍ରାୟ ୨୦ ହଜାର ଟଙ୍କା, ରୁପା ପାଉଁଜି ଆଦି ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଛନ୍ତି। ସେହିପରି ତଳ ଭଡ଼ାଘର ତାଲା ଭାଙ୍ଗି ଏକ ହଳ ସୁନା ରିଂ, ସୁନା ମୁଦି, ଚାରିଅଣି ସୁନା ଓ ବିଲ ସମେତ ନଗଦ ୧୫ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଘଟଣା ସମ୍ପର୍କରେ ଘର ମାଲିକ ପ୍ରଦ୍ୟୁମ୍ନ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମକଦ୍ଦମା ରୁଜୁ କରି ସାଇଣ୍ଟିଫିକ ଟିମ ସହ ମିଳିତ ତଦନ୍ତ ଆରମ୍ଭ କରିଛନ୍ତି।

### କଂଗ୍ରେସର ପୌର ନିର୍ବାଚନ ସଂକ୍ରାନ୍ତୀୟ ବୈଠକ

ବଲାଙ୍ଗୀର ଅଫିସ,୯।୩: ବଲାଙ୍ଗୀର ସହର ଶାନ୍ତିପଡା କଲ୍ୟାଣ ମଣ୍ଡପଠାରେ ପିସିସି ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ପୌର ନିର୍ବାଚନ ସଂକ୍ରାନ୍ତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଂଗ୍ରେସର ବଲାଙ୍ଗୀର ପୌରାଧକ୍ଷା ପ୍ରାର୍ଥୀ ମିଳନୀ ସାହୁ, ୧ ନମ୍ବର ୱାର୍ଡ କାଉନସିଲ ପ୍ରାର୍ଥୀ ସସ୍ମିତା କୁମ୍ଭାର, ୨ର ସୁଜାତା ପୋଡ, ୨୧ ନମ୍ବର ୱାର୍ଡପ୍ରାର୍ଥୀ ମନୋଜ କୁମାର ବେହେରା, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, କଂଗ୍ରେସର କୁଳମଣି ସାହୁ, ଅଙ୍କିତ ସାହୁ ପ୍ରମୁଖ ଯୋଗଦେଇଥିଲେ। କଂଗ୍ରେସ ପ୍ରାର୍ଥୀମାନେ କିଭଳି ରଣକୌଶଳ ଅବଲମ୍ବନ କରି ଲୋକଙ୍କ ପୌର ନିର୍ବାଚନରେ ବିଜୟୀ ହେବେ ସେନେଇ ଆଲୋଚନା କରିଥିଲେ। ବଲାଙ୍ଗୀର ପୌରପାଳିକାର ଅପାରଗତା, ଦୁର୍ନୀତି ଏବଂ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ନେଇ ଲୋକେ କିଭଳି ହନ୍ତସନ୍ତ ହେଉଛନ୍ତି ସେ ନେଇ ଲୋକଙ୍କୁ ସଚେତନ କରିବା ଉପରେ ଆଲୋଚନା ହୋଇଥିଲା।

# ବିଦ୍ରୋହୀଙ୍କୁ ମନାଇବାକୁ ଉଦ୍ୟମ

ବରଗଡ଼ ଅଫିସ୍,୯।୩

**ବରଗଡ଼ ଜିଲା ପୌର ନିର୍ବାଚନ ଦୃଶ୍ୟପଟ**
- ନାମାଙ୍କନ ପତ୍ର ଯାଞ୍ଚ ସରିଲା
- ଅନ୍ୟ ଦଳର ପ୍ରାର୍ଥୀଙ୍କୁ ଟାଣିବାକୁ ମସୁଧା

ପୌର ନିର୍ବାଚନ ପାଇଁ ବରଗଡ଼ ଜିଲାରେ ରାଜନୈତିକ ଉଷ୍ମତା ବଢ଼ି ଚାଲିଛି। ଜିଲାର ବରଗଡ଼ ପୌରପାଳିକା ସମେତ ବରପାଲି, ପଦ୍ମପୁର ଏବଂ ବିଜେପୁର ଏନଏସିରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ବୁଧବାର ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଯାଞ୍ଚ ପରେ ତାଲିକା ପ୍ରକାଶ ପାଇଛି। ତାଲିକା ପ୍ରକାଶ ପରେ ପ୍ରାର୍ଥୀମାନେ ପ୍ରଚାର ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ମଇଦାନରେ ରହି ଯାଇଥିବା ଅସନ୍ତୁଷ୍ଟଙ୍କୁ କୌଣସିମତେ ମନାଇ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ଉପରେ ପ୍ରମୁଖ ଦଳର ନେତୃ ସ୍ଥାନୀୟ ବ୍ୟକ୍ତିମାନେ ଉଦ୍ୟମ ଆରମ୍ଭ କରିଛନ୍ତି।

ବରଗଡ଼ ପୌରପାଳିକା ୧୯ୱାର୍ଡ଼କୁ ନେଇ ଗଠିତ। କାଉନସିଲର ପଦବୀ ପାଇଁ ୬୯ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସମସ୍ତଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ସେହିପରି ସିଧାସଳଖ ଅଧ୍ୟକ୍ଷ ନିର୍ବାଚନ ହେଉଥିବାବେଳେ ଏହି ପଦବୀ ପାଇଁ ନମାଙ୍କନ ଭରିଥିବା ସମସ୍ତ ୧୨ଜଣଙ୍କ ନାମାଙ୍କନ ପତ୍ର କାଏମ ରହିଛି। ଅଧ୍ୟକ୍ଷ ସମେତ ପ୍ରତି ୱାର୍ଡ଼ର କାଉନସିଲର ପଦବୀ ପାଇଁ ୩ପ୍ରମୁଖ ଦଳ ବିଜେଡ଼ି, କଂଗ୍ରେସ ଓ ଭାଜପାର ପ୍ରାର୍ଥୀ ରହିଛନ୍ତି। କେତେକ ୱାର୍ଡ଼ରେ ଆମ ଆଦମୀ ପାର୍ଟି(ଏଏପି), ବହୁଜନ ସମାଜ ପାର୍ଟି(ବିଏସ୍‌ପି)ର ପ୍ରାର୍ଥୀଙ୍କ ସହ ମଇଦାନରେ ସ୍ୱାଧୀନ ପ୍ରାର୍ଥୀ ବି ରହିଛନ୍ତି। ଭୋଟ୍ ବିଭାଜନକୁ ଏଡ଼ାଇବା ପାଇଁ କେତେକ ପ୍ରମୁଖ ଦଳ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ଅନ୍ୟ ଦଳର ପ୍ରାର୍ଥୀଙ୍କୁ ନିଜ ସପକ୍ଷକୁ ଆଣିବା ପାଇଁ ମସୁଧା ଆରମ୍ଭ କରିଥିବା ଆଲୋଚନା ହେଉଛି। ବିଗତ ପୌର ନିର୍ବାଚନରେ ବରଗଡ଼ରେ ସେହିଭଳି ଘଟଣା ଘଟିଥିଲା। ସଦ୍ୟ ସମାପ୍ତ ପଞ୍ଚାୟତ ଭୋଟ୍ ସମୟରେ ଅମ୍ବାଭୋନା ବ୍ଲକ ଜୋନ-୨ ଏବଂ ଗାଇସିଲେଟ ବ୍ଲକର ଏକ ଜୋନରେ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର ଏହାର ନଜିର ହୋଇଛି। ଫଳରେ ପୌର ନିର୍ବାଚନରେ ସେଭଳି ଘଟିବା ଆଶଙ୍କା ଏଡ଼ାଇ ଦେଇ ହେଉନାହିଁ।

ବରପାଲି ଏନଏସି ୧୧ୱାର୍ଡ଼କୁ ନେଇ ଗଠିତ। ଏଠାରେ ୩୭ପ୍ରାର୍ଥୀ ରହିଛନ୍ତି। ୱାର୍ଡ଼ ନଂ-୫ରେ କଂଗ୍ରେସ ପ୍ରାର୍ଥୀ ଦେଇନାହିଁ। ଅନ୍ୟପକ୍ଷେ ସବୁୱାର୍ଡ଼ରେ ବିଜେଡ଼ି, କଂଗ୍ରେସ ପ୍ରାର୍ଥୀ ରହିଥିବାବେଳେ ଏଠାରେ ମଧ୍ୟ ଏକାଧିକ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ସେହିପରି ଅଧ୍ୟକ୍ଷ ପଦବୀ ପାଇଁ ୧୧ ପ୍ରାର୍ଥୀ ରହିଛନ୍ତି। ଅଧ୍ୟକ୍ଷ ପଦବୀରେ ମଧ୍ୟ ୩ପ୍ରମୁଖ ଦଳର ପ୍ରାର୍ଥୀ ଥିବାବେଳେ ସ୍ୱାଧୀନ ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ରହିଛି। ପଦ୍ମପୁର ଏନଏସିରେ ମଧ୍ୟ ଅନୁରୂପ ସ୍ଥିତି। ଉକ୍ତ ଏନଏସି ୧୧ୱାର୍ଡ଼ ବିଶିଷ୍ଟ ହୋଇଥିବାବେଳେ ଅଧ୍ୟକ୍ଷ ପଦବୀରେ ବିଜେଡି, ଭାଜପା, କଂଗ୍ରେସ ସହ ୪ଜଣ ରହିଛନ୍ତି। ସେହିପରି ପଦ୍ମପୁର ଏନଏସିର ୩ଟି ୱାର୍ଡ଼ରେ କଂଗ୍ରେସ ପ୍ରାର୍ଥୀ ଦେଇନାହିଁ। ସବୁ ୱାର୍ଡ଼ରେ ବିଜେଡ଼ି, ଭାଜପା ପ୍ରାର୍ଥୀ ରହିଛନ୍ତି। ଏହିଭଳି ଏଠାରେ ୧୧ୱାର୍ଡ଼ ପାଇଁ ୩୩ପ୍ରାର୍ଥୀ ରହିଛନ୍ତି। ବିଜେପୁର ଏନଏସିରେ ଏଥର ପ୍ରଥମଭାବେ ନିର୍ବାଚନ ହେବ। ଫଳରେ ଏଠାକାର ପୌର ନିର୍ବାଚନ ପ୍ରତି ସଭିଁଙ୍କ ଦୃଷ୍ଟି ରହିଛି। ଅନ୍ୟପକ୍ଷେ ପଞ୍ଚାୟତ ଭୋଟରେ ଅନ୍ୟ ବ୍ଲକଠାରୁ ବିଜେପୁରରେ ବିଜେଡ଼ିର ବିପର୍ଯ୍ୟୟ ଘଟିଥିବା ଯୋଗୁ ଏଠାରେ ପୌର ଦଖଲ ପାଇଁ ବିଜେଡ଼ି କସରତ ଚଲାଇଛି। ତେବେ ଭାଜପା ଏବଂ କଂଗ୍ରେସ ମଧ୍ୟ ବିଜେପୁର ହାତେଇବାକୁ ପଛରେ ନ ପଡ଼ି ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଛି।



ନିର୍ବାଚନ ଅଧିକାରୀ ରବୀନ୍ଦ୍ର କୁମାର ପୁଟେଲ ନାମାଙ୍କନ ପତ୍ର ଯାଞ୍ଚ କରୁଛନ୍ତି।

## ୭ ଅଧ୍ୟକ୍ଷ, ୩୯ କାଉନସିଲରଙ୍କ ପ୍ରାର୍ଥିପତ୍ର କାଏମ

ଖଡିଆଲ,୯।୩(ଡି.ଏନ.ଏ.)

**ଖଡ଼ିଆଲ ଏନ୍‌ଏସିଃ ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ**

ନୂଆପଡା ଜିଲା ଖଡିଆଲ ଏନ୍‌ଏସି ପୌର ନିର୍ବାଚନ ଲାଗି ବୁଧବାର ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଯାଇଛି। ଏନ୍‌ଏସି ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସମସ୍ତ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଯାଞ୍ଚ ପରେ ଏନ୍‌ଏସି ଅଧ୍ୟକ୍ଷ ପଦବୀ ପାଇଁ ଦାଖଲ କରିଥିବା ସମସ୍ତ ୭ଜଣ ପ୍ରାର୍ଥୀଙ୍କ ସମେତ ୧୩ଟି ୱାର୍ଡ ପାଇଁ ଦାଖଲ ୩୯ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ବୈଧ ଥିବା ନିର୍ବାଚନ ଅଧିକାରୀ ତଥା ଖଡିଆଲ ତହସିଲଦାର ସିନ୍ଧୁସୁତା ପାତ୍ର ସୂଚନା ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୨୪ରେ ଖଡିଆଲ ଏନ୍‌ଏସିର ଅଧ୍ୟକ୍ଷ ପଦ ସମେତ ସମସ୍ତ ୱାର୍ଡର କାଉନସିଲର୍ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଅଧ୍ୟକ୍ଷ ପଦ ପାଇଁ ଚଳିତବର୍ଷ ଭୋଟରମାନେ ସିଧାସଳଖ ମତଦାନ କରିବାକୁ ଥିବାବେଳେ ଭୋଟରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ସୂଚନାଯୋଗ୍ୟ ଯେ, ଏନ୍‌ଏସି ଅଧ୍ୟକ୍ଷ ପଦ ପାଇଁ ୭ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନ ରହିଛନ୍ତି। କଂଗ୍ରେସରୁ ଉଜ୍ଜ୍ୱଳ ଗୁପ୍ତା, ବିଜେଡିରୁ ମୁଲଚନ୍ଦ ଅଗ୍ରୱାଲ, ଭାଜପାରୁ ବିକାଶ ସିଂଘଲ, ସିପିଆଇ (ଏମ୍)ରୁ ସରୋଜିନୀ ପ୍ରଧାନୀଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀ ଭାବେ ଅବସରପ୍ରାପ୍ତ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଜି, ପୂର୍ବତନ ଏନଏସି ଅଧ୍ୟକ୍ଷ ନିମାଇଁ ଚରଣ ତାଣ୍ଡି ଏବଂ କିଶୋର ବାଗ ମଇଦାନରେ ରହିଛନ୍ତି। ଉଭୟ କଂଗ୍ରେସ ଏବଂ ବିଜେଡି ସମସ୍ତ ୧୩ଟି ୱାର୍ଡରେ ପ୍ରାର୍ଥୀ ଦେଇଛି। ଭାଜପା ୱାର୍ଡ ନଂ.୨, ୪ ଏବଂ ୭ରେ ପ୍ରାର୍ଥୀ ଦେଇ ନ ଥିବା ବେଳେ ବାକି ୧୦ଟି ୱାର୍ଡରେ ପ୍ରାର୍ଥୀ ଦେଇଥିବା ବେଳେ ୩ଜଣ ସ୍ୱାଧୀନ ପ୍ରାର୍ଥୀ ମଇଦାନ ରହିଥିବା ଜଣାପଡିଛି।

## ୨୨୧ ଅଧ୍ୟକ୍ଷ, କାଉନସିଲରଙ୍କ ପ୍ରାର୍ଥିପତ୍ର କାଏମ

**କଳାହାଣ୍ଡି ଜିଲା: ପୌର ନିର୍ବାଚନ**
- ଜୁନାଗଡ, କେସିଙ୍ଗାର ୨ କାଉନସିଲରଙ୍କ ପ୍ରାର୍ଥିପତ୍ର ନାକଚ

ଭବାନୀପାଟଣା,୯।୩(ସ୍ୱ.ପ୍ର.)

ପୌର ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣା ପୌର ପରିଷଦ ସମେତ ଜୁନାଗଡ, ଧର୍ମଗଡ ଓ କେସିଙ୍ଗା ଏନ୍‌ଏସିର ମୋଟ ୨୨୩ରୁ ୨୨୧ ଅଧ୍ୟକ୍ଷ ଓ କାଉନସିଲରଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଜୁନାଗଡ ଓ କେସିଙ୍ଗାରେ ଜଣେ ଲେଖାଁଏ କାଉନସିଲରଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିବା ଜଣାପଡିଛି। ଜୁନାଗଡରେ ୧୧ ନଂ. ୱାର୍ଡ କଂଗ୍ରେସ ମହିଳା କାଉନସିଲର ଗୋମତି ହରିଜନ ଓ କେସିଙ୍ଗାର ୧୧ ନଂ. ୱାର୍ଡ ସ୍ୱାଧୀନ କାଉନସିଲର ଯାଜ୍ଞସିନୀ ଶିଖାଙ୍କ ନାମାଙ୍କନପତ୍ର ନାକଚ ହୋଇଥିବା ଜଣାପଡିଛି। ଜିଲାରେ ଭବାନୀପାଟଣା ପୌର ପରିଷଦ, ଜୁନାଗଡ, ଧର୍ମଗଡ ଓ କେସିଙ୍ଗାରେ ଏନ୍‌ଏସିରେ ସର୍ବମୋଟ ୨୨୩ଜଣ ଅଧ୍ୟକ୍ଷ ଓ କାଉନସିଲର ନାମାଙ୍କନପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ବୁଧବାର ୨ଜଣଙ୍କ ନାମାଙ୍କନ ଯାଞ୍ଚ ବେଳେ ନାକଚ ହୋଇଛି। ଯାଞ୍ଚ ପରେ ଜିଲାର ଭବାନୀପାଟଣା ପୌର ପରିଷଦରେ କାଉନସିଲର ୮୩, ପୌରାଧକ୍ଷା ୮ ପ୍ରାର୍ଥୀ କାଏମ୍ ଥିବାବେଳେ ଜୁନାଗଡରେ ୩୬ କାଉନସିଲର, ଅଧ୍ୟକ୍ଷ ୪, ଧର୍ମଗଡରେ କାଉନସିଲର ୪୨, ଅଧ୍ୟକ୍ଷ ୪ ଓ କେସିଙ୍ଗା ଏନ୍‌ଏସିରେ ୩୯ କାଉନସିଲର ଏବଂ ଅଧ୍ୟକ୍ଷ ପାଇଁ ୫ ପ୍ରାର୍ଥୀ କାଏମ୍ ରହିଥିବା ଜଣାପଡିଛି। ୧୪ ତାରିଖ ସନ୍ଧ୍ୟାରେ ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଜଣାପଡିଛି।

## ବୌଦ୍ଧ ଏନଏସି : ୯ ଅଧ୍ୟକ୍ଷ ଓ ୫୦ କାଉନସିଲର ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ

ବୌଦ୍ଧ,୯।୩(ସ୍ୱ.ପ୍ର.)

**ନାମାଙ୍କନ ପତ୍ର ଯାଞ୍ଚ**
- ଭାଜପାର ୪ନଂ. ୱାର୍ଡ କାଉନସିଲର ଓ କଂଗ୍ରେସର ୧୨ ନଂ. ୱାର୍ଡ କାଉନସିଲର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ

ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଯାଞ୍ଚ ପରେ ଅଧ୍ୟକ୍ଷ ପଦ ଲାଗି ୯ ଓ କାଉନସିଲର ପାଇଁ ୫୦ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି । ବୁଧବାର ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ଥିଲା। ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ପଦ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ସହିତ ଆଉ ୭ ଜଣ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସମୁଦାୟ ୧୦ ଜଣ ପ୍ରାର୍ଥୀ ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ୧୭ ଗୋଟି ୱାର୍ଡରୁ କାଉନସିଲର ପଦବୀ ପାଇଁ ବିଜେଡି ଓ ଭାଜପା ସମସ୍ତ ୱାର୍ଡରେ ପ୍ରାର୍ଥୀ ଦେଇଥିବା ବେଳେ କଂଗ୍ରେସ ୧୪ ଗୋଟି ୱାର୍ଡରେ କାଉନସିଲର ପ୍ରାର୍ଥୀ ଦେଇଥିଲା। ସ୍ୱାଧୀନ ଭାବେ ଆଉ ୪ ଜଣ କାଉନସିଲର ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ।

ବିଜେଡି ପକ୍ଷରୁ ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଦଳର ଅଧ୍ୟକ୍ଷ ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସର ସମାଜସେବୀ ଗଣେଶ ପ୍ରସାଦ ଅଗ୍ରୱାଲା ଓ ଭାଜପାରୁ ପୂର୍ବତନ କାଉନସିଲର ଯୁଗଳ କିଶୋର ସାମଲ ଅଧ୍ୟକ୍ଷ ପ୍ରାର୍ଥୀ ହୋଇଛନ୍ତି । ଏହାଛଡା ଆଉ ୭ ଜଣ ସ୍ୱାଧୀନ ଭାବେ ଅଧ୍ୟକ୍ଷ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଯାଞ୍ଚ ପ୍ରକ୍ରିୟାରେ ସ୍ୱାଧୀନ ଭାବେ ଅଧ୍ୟକ୍ଷ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ସତ୍ୟବାନ ମହାକୁଡଙ୍କ ପ୍ରାର୍ଥୀପତ୍ର ଯାଞ୍ଚରେ କଟି ଯାଇଛି। ବର୍ତ୍ତମାନ ୯ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି । ସେହିପରି କାଉନସିଲର ଭାବେ ୫୨ ଜଣଙ୍କ ପ୍ରାର୍ଥୀ ପତ୍ରରୁ ଯାଞ୍ଚ ସମୟରେ ଭାଜପାର ୪ ନଂ ୱାର୍ଡ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରୀତିମୟୀ ଦାନୀ ଓ କଂଗ୍ରେସ ପକ୍ଷରୁ ୧୨ ନଂ ୱାର୍ଡ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ଅନୁ ବେହେରାଙ୍କ ପ୍ରାର୍ଥୀ ପତ୍ର ନାକଚ ହୋଇଯାଇଥିଲା। ଫଳରେ ବର୍ତ୍ତମାନ ୧୭ ୱାର୍ଡ ପାଇଁ ବିଜେଡିର ୧୭ ଜଣ, ଭାଜପାର ୧୬ ଜଣ ଓ କଂଗ୍ରେସର ୧୩ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି । କାଉନସିଲ ଭାବେ ୪ ଜଣଙ୍କ ନାମାଙ୍କନ ପତ୍ର କାଏମ ରହିଥିବା ନେଇ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଜଣାପଡିଛି। ଆସନ୍ତା ୧୪ ତାରିଖରେ ନାମାଙ୍କନ ପତ୍ର ପ୍ରତ୍ୟାହାର ଦିନ ଥିବାରୁ ଦଳଗୁଡିକ ପକ୍ଷରୁ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥୀମାନଙ୍କୁ ମନାଇବାରେ ଦଳୀୟ ନେତା ଓ କର୍ମୀମାନେ ଉଦ୍ୟମ ଚଳାଇଛନ୍ତି। ଦଳଗୁଡିକ ପକ୍ଷରୁ ଅସନ୍ତୁଷ୍ଟ ସ୍ୱାଧୀନ ପ୍ରାର୍ଥୀଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଉଥିବା ଆଲୋଚନା ହେଉଛି। ଯଦି ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ନାମାଙ୍କନପତ୍ର ପ୍ରତ୍ୟାହାର କରିବାରେ ସଫଳ ନ ହୁଅନ୍ତି ତେବେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଅଡୁଆ ହେବ ବୋଲି ରାଜନୀତି ମହଲରେ ଚର୍ଚ୍ଚା ଧରିଛି। ୧୪ ତାରିଖ ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ଶେଷ ଦିନ ଥିବା ବେଳେ କିଏ ନାମାଙ୍କନ ପତ୍ର ପ୍ରତ୍ୟାହାର କରୁଛନ୍ତି ସେଥିପ୍ରତି ସମସ୍ତଙ୍କ ନଜର ରହିଛି । ଅପରପକ୍ଷରେ ଦଳୀୟ ନେତାମାନେ ନିଜ ନିଜ ରଣ କୌଶଳ ଆରମ୍ଭ କରି ନିର୍ବାଚନ ପ୍ରଚାର ଆରମ୍ଭ କରିଥିବା ଦେଖିବାକୁ ମିଳିଛି।

## ୩ ଅଧ୍ୟକ୍ଷ, ୩୩ କାଉନସିଲର ପ୍ରାର୍ଥୀଙ୍କ ନାମାଙ୍କନ କାଏମ

ଗୁଡ଼ଭେଲା,୯।୩(ଡି.ଏନ.ଏ.)

- ତୁଷୁରା ଏନ୍‌ଏସିରେ ନାମାଙ୍କନ ପତ୍ର ଯାଞ୍ଚ
- ୩ ୱାର୍ଡରେ ପ୍ରାର୍ଥୀ ଦେଇନି କଂଗ୍ରେସ

ପ୍ରାର୍ଥୀପତ୍ର ଯାଞ୍ଚ ପରେ ବଲାଙ୍ଗୀର ଜିଲା ତୁଷୁରା ଏନଏସି ନିର୍ବାଚନ ପାଇଁ ୩ଅଧ୍ୟକ୍ଷ, ୩୩ କାଉନସିଲରଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ବୁଧବାର ଏନଏସି କାର୍ଯ୍ୟାଳୟ ପରିସରରେ ନାମାଙ୍କନ ପତ୍ର ଯାଞ୍ଚ ପରେ ଅଧ୍ୟକ୍ଷ ପଦ ପାଇଁ ତିନି ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀ ମଇଦାନରେ ରହିଥିବା ନିର୍ବାଚନ ଅଧିକାରୀ ତଥା ତୁଷୁରା ତହସିଲଦାର ରବିନ୍ଦ୍ର ପଟେଲ କହିଛନ୍ତି। ବିଜେଡି ପକ୍ଷରୁ ଅଧ୍ୟକ୍ଷ ପ୍ରାର୍ଥୀ ରହିଛନ୍ତି ଅଜୟ କୁମାର ଜୟସ୍ୱାଲ। ସେହିପରି ଦଳ ପକ୍ଷରୁ କାଏମ ରହିଥିବା ୱାର୍ଡୱାରୀ କାଉନସିଲର ପ୍ରାର୍ଥୀମାନେ ହେଲେ ୧ନମ୍ବର ଉର୍ମିଳା ପ୍ରଧାନ, ୨ନମ୍ବର ସୁଷମା ସାହୁ, ୩ ଚିନ୍ତାମଣି ବାଗ, ୪ ମିଥୁନ ସାହୁ, ୫ ମାମି ଦାଶ, ୬ ପୁଷ୍ପାଞ୍ଜଳି ବିଶି, ୭ ସବିତା ନାଗ, ୮ ସର୍ବେଶ୍ୱରୀ ଭୋଇ, ୯ ଟଙ୍କଧର ନାଗ, ୧୦ ଭିକାରୀ ରଣା, ୧୧ ରୀତା ପ୍ରଧାନୀ। ସେହିପରି ଭାଜପାର ଅଧ୍ୟକ୍ଷ ପ୍ରାର୍ଥୀଭାବେ ରୁନୁଗୋପାଳ ସାହୁଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଦଳର ପ୍ରାର୍ଥୀମାନେ ହେଲେ ୧ନମ୍ବର ୱାର୍ଡ ପାଇଁ ମିତାଲି ସାହୁ, ୨ ସୁଶାନ୍ତି ଦାଶ, ୩ ଉମା ଚରଣ ବାଗ, ୪ ବିଭୁ ପ୍ରସାଦ ସାହୁ, ୫ ରଶ୍ମିତା ବାଗ, ୬ ଗୀତାଞ୍ଜଳି ଦର୍ଜି, ୭ ସୁଭଦ୍ରା ସରଭଙ୍ଗିଆ, ୮ ଭଗବତୀ ଭୋଇ, ୯ ଧିରେନ୍ଦ୍ର କୁମାର ମହାନନ୍ଦ, ୧୦ ବବିତା ସାହୁ, ୧୧ନମ୍ବର ଦେବନ୍ତି ପ୍ରଧାନୀ। ଅନୁରୂପଭାବେ କଂଗ୍ରେସ ଦଳ ପକ୍ଷରୁ ଅଧ୍ୟକ୍ଷ ପ୍ରାର୍ଥୀ ରହିଛନ୍ତି ଅମରେଶ ପ୍ରସାଦ କେଡିଆ। ଦଳର ୱାର୍ଡୱାରୀ ପ୍ରାର୍ଥୀମାନେ ହେଲେ ୧ନମ୍ବର ନମିତା ଦୀପ, ୨ ରାଜକୁମାରୀ ବଡିଆ, ୩ ହନିପ ମହମ୍ମଦ, ୬ ଅନୁସୟା ଶର୍ମା, ୮ ଡୁଲେଶ୍ୱରୀ ଭୋଇ, ୯ ପଞ୍ଚାନନ ସୁନା, ୧୦ ସନକ ରଣା, ୧୧ନମ୍ବର ବନିତା ପ୍ରଧାନୀ । ସେହିପରି ସ୍ୱାଧୀନ ପ୍ରାର୍ଥୀଭାବେ ୬ନମ୍ବର ୱାର୍ଡ ରେଖା ଶର୍ମା, ୮ନମ୍ବର କବିତା ଭୋଇ ଓ ୧୦ନମ୍ବର ୱାର୍ଡ ପାଇଁ ଓମ ପ୍ରକାଶ ରଣାଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

## ଜିଲାବାସୀଙ୍କ ସେବା, ସୁରକ୍ଷାକୁ ପ୍ରାଥମିକତା

ସୋନପୁର,୯।୩(ନି.ପ୍ର.)

**ସୁବର୍ଣ୍ଣପୁରରେ ନୂତନ ଏସ୍‌ପିଙ୍କ ଯୋଗଦାନ**



ଏସ୍‌ପି ଅମରେଶ ପଣ୍ଡା।

ସୁବର୍ଣ୍ଣପୁରର ନୂତନ ଏସ୍‌ପି ଭାବେ ଅମରେଶ ପଣ୍ଡା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜଗଜୀବନ ପଟେଲଙ୍କ ଠାରୁ ସେ ଏହି ଦାୟିତ୍ୱ ନେଇଛନ୍ତି। ନୂତନ ଏସ୍‌ପି ପଣ୍ଡା ଏହା ପୂର୍ବରୁ ସମ୍ବଲପୁର ଜିଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ସରକାର ତାଙ୍କୁ ସୁବର୍ଣ୍ଣପୁରର ଇନ୍‌ଚାର୍ଜ ଏସ୍‌ପି ଭାବେ ବଦଳି କରିଥିଲେ। ନୂତନ ଦାୟିତ୍ୱ ଗ୍ରହଣ ପରେ ଜିଲାବାସୀଙ୍କ ସେବା ଓ ସୁରକ୍ଷାକୁ ପ୍ରାଥମିକତା ଦେବେ ବୋଲି ଏସ୍‌ପି ପଣ୍ଡା ପ୍ରତିକ୍ରିୟାରେ କହିଛନ୍ତି। ଜନସାଧାରଣଙ୍କୁ ପୋଲିସ ସେବା ଯୋଗାଇବା ସହ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଅପରାଧୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜନସାଧାରଣଙ୍କ ସହଯୋଗ ନେଇ ପୋଲିସ ତ୍ୱରିତ କାର୍ଯ୍ୟକ୍ରମ ଗ୍ରହଣ କରିବ ବୋଲି ନୂତନ ଏସ୍‌ପି କହିଛନ୍ତି। ସେହିପରି ବାଇକ୍ ଆରୋହୀଙ୍କୁ ହେଲମେଟ୍ ପିନ୍ଧିବା ପାଇଁ ସଚେତନ କରିବା ଓ ଜିଲା ସଦର ମହକୁମାରେ ଟ୍ରାଫିକ୍ ବ୍ୟବସ୍ଥାର ସୁଧାର ସକାଶେ ପଦକ୍ଷେପ ନେବେ ବୋଲି କହିଥିଲେ। ଏସ୍‌ପି ପଣ୍ଡା ୧୯୮୫ ମସିହାରେ ଓଡିଶା ପୋଲିସ ବିଭାଗରେ ଚାକିରି ଆରମ୍ଭ କରିବା ସହ ବିଭିନ୍ନ ଜିଲାରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ଭୁବନେଶ୍ୱର ସହରରେ ଟ୍ରାଫିକ୍ ନିୟନ୍ତ୍ରଣ କ୍ଷେତ୍ରରେ ତାଙ୍କର ଦୀର୍ଘବର୍ଷର ଅଭିଜ୍ଞତା ରହିଛି। ନୂତନ ଏସ୍‌ପି ଦାୟିତ୍ୱ ଗ୍ରହଣ କରିବା ପରେ ଜିଲାର ବରିଷ୍ଠ ପୋଲିସ ଅଧିକାରୀ ଓ ଥାନା ଅଧିକାରୀ ବୃନ୍ଦ ତାଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ପ୍ରାକ୍ତନ ଏସ୍‌ପି ସୀତାରାମ ଶତପଥୀ ଅବସର ଗ୍ରହଣ କରିବା ପରେ ମାର୍ଚ୍ଚ ପହିଲାରୁ ଏଠାରେ ଆରକ୍ଷୀ ଅଧୀକ୍ଷକ ପଦବୀ ଖାଲି ପଡିଥିଲା।

## ଖପ୍ରାଖୋଲ କପ୍ ଫୁଟବଲ: ବେନକେରା ଚାମ୍ପିୟନ

ଖପ୍ରାଖୋଲ, ୯।୩ (ଡି.ଏନ.ଏ. )

ବଲାଙ୍ଗୀର ଜିଲା ଖପ୍ରାଖୋଲ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ଖପ୍ରାଖୋଲ କପ ଫୁଟବଲ ଟୁର୍ନାମେଣ୍ଟ ବୁଦବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ବେନକେରା ଓ ଖପ୍ରାଖୋଲ ମଧରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧରେ କେହି କାହାକୁ ଗୋଲ ଦେଇ ନ ପାରିବାରୁ ପେନାଲଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ୩-୦ ଗୋଲରେ ବେନକେରା ଦଳ ଚାମ୍ପିୟନ ହୋଇଥିଲା। ରେଫରୀ ଦୀପକ ରାଜହଂସ, ଲାଇନରେ ସୁଜିତ ରାଜହଂସ ଓ ରାଜୀବ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ଫଲଗୁନୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବିଡ଼ିଓ ରଶ୍ମିରଞ୍ଜନ ରାଉତ, ସମ୍ମାନିତ ଅତିଥି ମହାବୀର ପ୍ରଧାନ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ପାଞ୍ଚ ହଜାର ଟଙ୍କା, ଓ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ତିନି ହଜାର ଟଙ୍କା ପ୍ରଦାନ କରିଥିଲେ । ଏହି ଟୁର୍ନାମେଣ୍ଟରେ ଆଠଟି ଦଳ ଭାଗ ନେଇଥିଲେ। ରଞ୍ଜନ ସେଠୀ, ଶିବା ଜାନି, ବୁଲୁ ସୁନା, ସାନ ଗଡତ୍ୟା ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

## ଚୋର ଆଣିବାକୁ ଯାଇ ପୋଲିସ ହଟହଟା



ଲୋକେ ପୋଲିସ ଭ୍ୟାନକୁ ଅଟକ ରଖିଛନ୍ତି।

ବରଗଡ଼ ଅଫିସ୍,୯।୩

- ୨ ଘଣ୍ଟା ଅଟକିଲା ପୋଲିସ ଭ୍ୟାନ୍
- ବୁଝାଶୁଝା ପରେ ଲୋକେ ପୋଲିସ ଗାଡି ଛାଡ଼ିଲେ

ବରଗଡ଼ ସହର ଉପକଣ୍ଠ ବେହେରା କପଡ଼ା ବଜାରରେ ବ୍ୟବସାୟୀମାନେ କାବୁ କରିଥିବା ଜଣେ ଚୋରକୁ ଆଣିବାକୁ ଯାଇ ବୁଧବାର ପୋଲିସକୁ ହଟହଟା ହେବାକୁ ପଡ଼ିଛି । ଦୀର୍ଘ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବଜାରରେ ଉପସ୍ଥିତ ଲୋକେ ଚୋରି କପଡ଼ା ଉଦ୍ଧାର କରିବା ଦାବି ସହିତ ପୋଲିସ ଦୁର୍ବ୍ୟବହାର ପ୍ରତିବାଦରେ ଘେରି ରହିଥିଲେ। ବୁଝାଶୁଝା ପରେ ଲୋକେ ପୋଲିସ ଭ୍ୟାନକୁ ଛାଡ଼ିଥିଲେ। ଅନ୍ୟପକ୍ଷେ କପଡ଼ା ଚୋରିବେଳେ ଧରାପଡ଼ିଥିବା ଚୋରକୁ ଲୋକେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ତାଙ୍କୁ ଚିକିତ୍ସା ପାଇଁ ପୋଲିସ ଡାକ୍ତରଖାନାକୁ ପଠାଇଛି ।

ପ୍ରକାଶ ଯେ, ବେହେରା କପଡ଼ା ବଜାରରେ ଗତ କିଛିମାସ ହେଲା ନିୟମିତଭାବେ ଚୋରି ହେଉଥିବା ଅଭିଯୋଗ ହେଉଛି। ଚୋରମାନେ ବଜାରକୁ ଆସିଥିବା ବ୍ୟବସାୟୀଙ୍କଠାରୁ ଶାଢ଼ୀ ଚୋରି କରି ନେଉଥିଲେ। ବୁଧବାର ଜଣେ ବ୍ୟବସାୟୀଙ୍କଠାରୁ ଶାଢ଼ୀ ଚୋରି କରୁଥିବାବେଳେ ଚୋରକୁ ଲୋକେ ଧରିଥିଲେ। ତେବେ ଚୋର ଧରାପଡ଼ିବାବେଳକୁ ୧୮ଖଣ୍ଡ ଦାମିକିଆ ଶାଢ଼ୀ ଚୋରି ହୋଇ ସାରିଥିବା ଜଣା ପଡିଥିଲା। ଏହି ଚୋରିରେ ଧରା ପଡିଥିବା ସମ୍ପୃକ୍ତ ଚୋରଙ୍କ ହାତ ରହିଥିବା ସନ୍ଦେହ କରି ଲୋକେ ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଲୋକେ ଧରିଥିବା ଚୋରକୁ ନେବାକୁ ଉଦ୍ୟମ କରିଥିଲା। ତେବେ ଚୋରି ହୋଇଥିବା ୧୮ଖଣ୍ଡ ଶାଢ଼ୀ ଉଦ୍ଧାର ନହେବା ପର୍ଯ୍ୟନ୍ତ ଚୋରକୁ ସେଠାରୁ ଛାଡ଼ିବେ ନାହିଁ ବୋଲି ବ୍ୟବସାୟୀମାନେ କହିଥିଲେ। ଏହି ସମୟରେ ଜଣେ ପୋଲିସ କର୍ମଚାରୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ କରି ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ପୋଲିସ ଭ୍ୟାନକୁ ଘେରି ରହିଥିଲେ।